


# ଧ୍ୱନି ପ୍ରତିଧ୍ୱନି

*The Dhwani Pratidhwani*

ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

website : www.dhwanipratidhwani.net | email: pratidhwani.dhwani@gmail.com | BALASORE 02 JUNE 20213



# JOGENDRA

## HIGHER SECONDARY SCHOOL
## ANKO , RUPSA , BALASORE

AFFLIATED TO CHSE ,ODISHA.
RECOGNISED BY GOVT. OF ODISHA
+2 SCIENCE & ARTS




## OUR PRIDE & C.H.S.E ACHIEVERS-2023




(100% RESULT)

Contact- 9938532252 ,9668019719
9937533095 ,8658401006

ADMISSION OPEN
ADMISSION OPEN

Mail us-jrcrupsa@gmail.com

# ବଲାଣିରେ ବୃଦ୍ଧି ପାଉଛି ମଶା ଦୌରାତ୍ମ୍ୟ : ସେଲ୍ ବଲାଣି ମଶା ବଂଶ ପ୍ରତିହତ କରିବାରେ ବିଫଳ

ବଲାଣି, ୧/୦୬ (ନି.ପ୍ର): ରାଷ୍ଟ୍ରାୟତ ଉଦ୍ୟୋଗ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ୍) ଅନ୍ତର୍ଗତ ରାଉରକେଲା ଇସ୍ପାତ କାରଖାନା ଅଧିନସ୍ଥ ବଲାଣି ଖଣି ଟାଉନସିପ୍ ରେ ମଶାଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢି ଚାଲିଛି । ସନ୍ଧ୍ୟା ହେଲା ପରେ ଘରେ ହେଉ କି ବାହାରେ ହେଉ ମଶା ଦାଉରୁ ରକ୍ଷା ପାଇବା ପାଇଁ ଲୋକେ ହନ୍ତସନ୍ତ ହୋଇ ପଡୁଛନ୍ତି ।ରାତିରେ ମଶାରୀ ପକାଇ ଲୋକେ ମଶା ଦାଉରୁ ରକ୍ଷା ପାଇଯାଉଥିଲେ ହେଁ ଅନ୍ୟ ସମୟରେ ମଶାଙ୍କ ଦୌରାତ୍ମ୍ୟରୁ ରକ୍ଷା ପାଇବା ଏକ ପ୍ରକାର ଅସମ୍ଭବ ହୋଇ ପଡୁଛି । ଯଦି ରାତିରେ କୌଣସି କାରଣରୁ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହେଉଛି ତେବେ ପ୍ରବଳ ଗରମ ଓ ମଶାଙ୍କ ଦାଉରୁ ରକ୍ଷା ପାଇବା ପାଇଁ ଲୋକେ ନାହିଁ ନଥିବା ହୀନସ୍ତା ଭୋଗ କରୁଛନ୍ତି । ଅନ୍ୟ ପକ୍ଷରେ ବଲାଣି ଖଣିର ଡାକ୍ତରଖାନା ପକ୍ଷରୁ ପର୍ଯ୍ୟାୟକ୍ରମେ ନିରନ୍ତର ଭାବରେ ବଲାଣି ଟାଉନସିପ୍ ବ୍ୟତୀତ କାର୍ଯ୍ୟାଳୟ କ୍ଷେତ୍ରରେ ମଶା ଧୂଆଁ ଦିଆଯାଉଥିଲେ ସୁଦ୍ଧା ମଶା ବଂଶ ଲୋପ କରିବାରେ ଖଣି କର୍ତୃପକ୍ଷ ବିଫଳ ହେଉଥିବା ପରିଲିକ୍ଷିତ ହୋଇଛି ।ତେବେ ମଶା ବଂଶ ବୃଦ୍ଧି ପାଉଥିବା ବେଳେ ମଶା କାମୁଡା ଜନିତ ବିଭିନ୍ନ ରୋଗ ମ୍ୟାଲେରିଆ, ଚିକୁନଗୁନିଆ ଓ ଡେଙ୍ଗୁ ଭଳି ମାରାତ୍ମକ ରୋଗ ବିସ୍ତାର ହେବାର ଆଶଙ୍କା ସୃଷ୍ଟି ହୋଇଛି । ତେବେ ଖଣି କର୍ତୃପକ୍ଷ ମଶା ଧୂଆଁ ଅନବରତ ଦେଉଥିଲେ ସୁଦ୍ଧା ଟାଉନସିପ୍ ଅଂଚଳରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାରୁ ମଶା ବଂଶକୁ ପ୍ରତିହତ କରିବା ଏକ ପ୍ରକାର ଅସମ୍ଭବ ହୋଇ ପଡିଛି ବୋଲି ଜନସାଧାରଣ ରେ ଆଲୋଚନା ହେଉଛି । ତେବେ ବିଗତ ବର୍ଷ ମାନଙ୍କରେ ବଲାଣି ଅଂଚଳରେ ମ୍ୟାଲେରିଆ ଓ ଡେଙ୍ଗୁ ବ୍ୟାପିବା ସହିତ ଅନେକ ଏହାର ଶିକାର ହୋଇ ମୃତ୍ୟୁବରଣ କରିଥିଲେ । ଏହାକୁ ନେଇ ବଲାଣି ଅଂଚଳର ସାଧାରଣ ଲୋକେ ଆତଙ୍କିତ ଅବସ୍ଥାରେ ଥିବା ବେଳେ ଜିଲା ପ୍ରଶାସନ ଓ ଖଣି କର୍ତୃପକ୍ଷ କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ତାକୁ ହିଁ ସମସ୍ତଙ୍କର ନଜର । ଏ ନେଇ ବଲାଣି ଖଣି ଡାକ୍ତରଖାନାର ମୁଖ୍ୟ ଡା. ଥାନେଶ୍ୱର ସୋରେନଙ୍କ ପ୍ରତିକ୍ରିୟା ନେବାରୁ ସେ ଅଂଚଳରେ ମଶା ବଂଶ ବିସ୍ତାର ହୋଇଛି ବୋଲି ଗ୍ରହଣ କରିବା ସହିତ ବଲାଣି ଅଂଚଳର ବିଭିନ୍ନ କ୍ଷେତ୍ରରେ ମଶା ଡିମ୍ବ ମାରିବା ତେଲ ଓ ମଶା ଧୂଆଁ ଦିଆଯିବା ପ୍ରଣାଳୀକୁ ତୀବ୍ର କରାଯିବା ସହିତ ଖଣିର ସିଭିଲ ବିଭାଗ ସହ ମିଳିତ ଭାବରେ ପରିମଳ ବ୍ୟବସ୍ଥାକୁ ସୁଧାରିବାକୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବଲାଣି ଖଣିର ମୁଖ୍ୟ ମହାପ୍ରବନ୍ଧକଙ୍କ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି । ଏହା ବ୍ୟତୀତ ଆଗାମୀ ମୌସୁମୀ ପୂର୍ବରୁ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ବିଭିନ୍ନ ଲୋକ ପ୍ରତିନିଧି, ସ୍ୱାସ୍ଥ୍ୟ କର୍ମୀ ଓ ଜନ ସାଧାରଣଙ୍କୁ ନେଇ ବିଭିନ୍ନ ବୈଠକ ଜରିଆରେ ଲୋକ ସଚେତନତା କାର୍ଯ୍ୟକ୍ରମ ନେବାକୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# ବଲାଙ୍ଗିରରେ ଜିଲ୍ଲାସ୍ତରୀୟ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ

ବଲାଙ୍ଗିର, ୧/୦୬ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ବଲାଙ୍ଗିର ଆନୁକୁଲ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସ୍ତରୀୟ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି ।ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କୁବେର ଚନ୍ଦ୍ର ମହନ୍ତ ଏହି ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ସଚେତନତା ସଭାରେ ଅଧକ୍ଷତା କରି ତମାଖୁ ସେବନ ହିଁ ଅଧିକାଂଶ ଅଣ ସଂକ୍ରାମକ ଓ ଅନେକ କର୍କଟ ରୋଗର ମୁଖ୍ୟ କାରଣ ହୋଇଥାଏ । ତେଣୁ ତମାଖୁ ସମ୍ପୂର୍ଣ ଭାବେ ବର୍ଜନ କରି ନିରୋଗ ରହିବାକୁ ପରାମର୍ଶ ଦେଇଥିଲେ। ତମାଖୁ ନିୟନ୍ତ୍ରଣ କରିବା ପାଇଁ ସମ୍ପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ସହ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରେ ତମାଖୁ ସେବନର କୁ-ପରିଣାମ ସମ୍ପର୍କରର ବ୍ୟାପକ ସଚେତନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା ) ଡାକ୍ତର ସିଦ୍ଧେଶ୍ୱର ମାଝୀ ,ସଚେତନତା ହିଁ ଏକମାତ୍ର ପନ୍ଥା ,ଯାହାଦ୍ୱାରା ତମାଖୁ ସେବନ ରୁ ନିବୃତ ରହିବା ସମ୍ଭପର ହୋଇପାରିବ ବୋଲି ପ୍ରକାଶ କରିଥିଲେ । ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ ) ଡାକ୍ତର ନମୀତା ମିଶ୍ର ତମାଖୁ ସେବନ ଦ୍ୱାରା କର୍କଟ ରୋଗ ହେବା ସହ ଲୋକମାନଙ୍କୁ ମୃତ୍ୟୁମୁଖ କୁ ମଧ ଟାଣିନେଇପାରେ ବୋଲି ମତବ୍ୟକ୍ତ କରିଥିଲେ । ତେଣୁ ଏ ସମ୍ପର୍କରେ ସବୁ କ୍ଷେତ୍ରରେ ଜନସଚେତନା ର ଆବଶ୍ୟକତା ରହିଛି ବୋଲି ସେ ପ୍ରକାଶ କରିଥିଲେ । ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ ) ଡାକ୍ତର ସୁଧା ବାର୍ଲା ଏହି ସଚେତନତା ସଭାରେ ଉପସ୍ଥିତ ରହି ବ୍ୟବହାରିକ ତଥା ମାନସିକ ସ୍ତରରେ ପରିବର୍ତ୍ତନ ହିଁ ଏକ ମାତ୍ର ସୁଦୃଢ ପନ୍ଥା ,ଯାହାଦ୍ୱାରା କି ଆମେ ତମାଖୁ ସେବନ ରୁ ନିବୃତ ହୋଇପାରିବା ବୋଲି ପ୍ରକାଶ କରିଥିଲେ । ସଭାରେ ଉପସ୍ଥିତ ଥିବା ସମ୍ପୃକ୍ତ ବିଭାଗ ର ଅଧିକାରୀ ମାନେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ସଚେତନତା ସଭାରେ ଚଳିତ ବର୍ଷର ବିଷୟବସ୍ତୁ "ଆମର ଖାଦ୍ୟ ଦରକାର ତମାଖୁ ନୁହେଁ " ଉପରେ ଉପସ୍ଥିତ ଡାକ୍ତର ଓ ଅଧିକାରୀ ମାନେ ଆଲୋଚନା କରିଥିଲେ । ଏହି ଦିବସ ପାଳନ ଉପଲକ୍ଷେ ଏଏନଏମ ପ୍ରଶିକ୍ଷାର୍ଥୀ ମାନଙ୍କ ମଧ୍ୟରେ ତମାଖୁ ସେବନର କୁ- ପରିଣାମ ସମ୍ପର୍କରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗୀତା ର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । ଜିଲ୍ଲା ଅଣ ସଂକ୍ରାମକ ରୋଗ ପରିଚାଳକ ସନ୍ତୋଷ କୁମାର ପଟ୍ଟନାୟକ ଦିବସ ପାଳନ ର ତାତ୍ପର୍ଯ୍ୟ ସମ୍ପର୍କରେ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଜାତୀୟ ସ୍ୱାସ୍ଥ୍ୟ ମିଶନ ର ଜିଲ୍ଲା ପ୍ରୋଗ୍ରାମ ମେନେଜର ମୃତ୍ୟୁଞ୍ଜୟ ମୁଣ୍ଡ ସଭା ପରିଚାଳନା କରିଥିଲେ । ଶେଷରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ରିତାଞ୍ଜଳି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଦିବସ ପାଳନ ଉପଲକ୍ଷେ ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀ କକ୍ଷ ଠାରେ ଏକ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଚାକିରିଆ ପୁଅ ନିଖୋଜ: ୧୮ ଦିନ ପରେ ମୁମ୍ବାଇରୁ ଉଦ୍ଧାର

ଜୟପୁର, ୧/୦୬ (ନି.ପ୍ର): ନିଖୋଜ ଚାକିରିଆ ପୁଅ ୧୮ ଦିନ ପରେ ମୁମ୍ବାଇରୁ ଉଦ୍ଧାର ହୋଇଛି । ଏନେଇ ଜୟପୁର ଟାଉନ ଥାନା ଅଧିକାରି ସସ୍ମିତ କୁମାର ବେହେରା ସୂଚନା ଦେଇଛନ୍ତି । ପୁଅ ନିଖୋଜ ହେବା ପରେ ପୁଅର ବାପା ଜୟପୁର ଟାଉନ ଥାନାରେ ଗତ ୧୫ ତାରିଖରେ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ । ନିଖୋଜ ନିରଞ୍ଜନ ବାଘ ଜୟପୁର ଆଇଟିଡିଏ ଅଫିସରେ ଏସଏମଏସ ପୋଷ୍ଟରେ ରହି ଭିଡିଭିକେ ଯୋଜନାରେ କାର୍ଯ୍ୟ କରୁଥିଲେ । ୧୨.୫.୨୩ ତାରିଖରୁ ଜଣକ ନିଖୋଜ ଥିଲେ । ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଞ୍ଚଳର ନିରଞ୍ଜନ ବାଘ । ସେ ପାରାବେଡା ସ୍ଥିତ ଏକ ରୁମରେ ଭଡା ରହୁଥିଲେ । ସେ ଜୟପୁର ଆଇଟିଡିଏ ୨୦୨୨ ମସିହାରୁ କାର୍ଯ୍ୟ କରୁଥିଲେ । ରୁମରୁ ବାହାରି ସ୍କୁଟିରେ ଯାଇ ଥିବା ବେଳେ ତାଙ୍କର କିଛି ଖବର ମିଳୁ ନାହିଁ । ତାଙ୍କ ନିକଟରେ ମୋବାଇଲ ରହିଥିଲା । କିନ୍ତୁ ମୋବାଇଲ ସୁଇଚ ଅଫ ରହିଥାଲ । ବହୁ ଖୋଜା ଖୋଜା କରି ପୁଅର ସନ୍ଧାନ ନପାଇବାରୁ ବାପା ସହଦେବ ବାଘ ଜୟପୁର ଟାଉନ ଥାନାରେ ଲିଖିତ ଅଭି ଯୋଗ କରିଥିଲେ । ଅଭିଯୋଗ କୁ ଭିତି କରି ପୋଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ମୋବାଇଲ ଟ୍ରାକ କରି ମୁମ୍ବାଇରୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । କାମର ଚାପରୁ ମୁକ୍ତି ପାଇଁ ମୁମ୍ବାଇକୁ ଚାଲି ଯାଇଥିବା ନିରଞ୍ଜନ ବାଘ ପୋଲିସ ଆଗରେ ବୟାନ ଦେଇଥିଲେ ।

# ମଙ୍ଗଳପୁର ଥାନାଧିକାରୀଙ୍କ ବଦଳି ଓ ନ୍ୟାୟ ପ୍ରଦାନ ପାଇଁ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ପୀଡ଼ିତ ପରିବାର

କୋରେଇ, ୧/୦୬ (ନି.ପ୍ର): ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ତଥା ମଙ୍ଗଳପୁର ଥାନା ଅନ୍ତର୍ଗତ କୟାଁ ପଂଚାୟତ ମଲ୍ଲୀପୁର ଗ୍ରାମର ଉଗ୍ରସେନ ବାରିକଙ୍କ ପୁଅ ସରୋଜଙ୍କ ଆତ୍ମହତ୍ୟା ଘଟଣା ଭିନ୍ନମୋଡ ନେଇଛି । ମଙ୍ଗଳପୁର ଥାନାଧିକାରୀଙ୍କ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଯୋଗୁ ସରୋଜ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ଏନେଇ ସ୍ଥାନୀୟ ଅଂଚଳରେ ଉତେଜନା ଲାଗିରହିଛି । ଏନେଇ ଥାନାଧିକାରୀଙ୍କୁ ତୁରନ୍ତ ବଦଳି ପାଇଁ ଘଟଣାସ୍ଥଳେ ଉପସ୍ଥିତ ଅଧିକାରୀଙ୍କ ପ୍ରତିଶୃତି ପାଳନ ସହ ଥାନାଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଓ ପିଡିତ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ଆଜି ସରୋଜ ପରିବାର ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପହଂଚି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନିତ ଅଗ୍ରୱାଲଙ୍କୁ ଭେଟି ଦାବି ଜଣାଇଛନ୍ତି । ପ୍ରକାଶଯେ ମଲ୍ଲୀପୁର ଗ୍ରାମର ଉଗ୍ରସେନ ବାରିକଙ୍କ ପୁଅ ସରୋଜର ଜଣେ କଲେଜ ସହପାଠୀ ମୀନାକ୍ଷୀ ବିଶ୍ୱାଲଙ୍କ ସହ ବନ୍ଧୁତା ଥିଲା । ପରବର୍ତି ଅବସ୍ଥାରେ ସେମାନଙ୍କ ବନ୍ଧୁତାରେ ପୂର୍ଣଛେଦ ପଡିଥିଲା । କିଛିଦିନ ତଳେ ଉକ୍ତ ଯୁବତୀ ଜଣଙ୍କ ତାଙ୍କ ଉଗ୍ରସେନର ଘରକୁ ଆସି ସରୋଜକୁ ବିବାହ କରିବାକୁ କହି ଘର ଆଗରେ ବସିଥିଲା । ଏନେଇ ମମିନାକ୍ଷୀଙ୍କୁ ବୁଝାସୁଝା କରିବାକୁ ସେ କୌଣସି କଥା ଶୁଣିନଥିଲେ । ଏନେଇ ମଙ୍ଗଳପୁ ପୁଲିସକୁ ଜଣାଇବା ପରେ ପୁଲିସ ସେହି ଝିଅକୁ ସେଠାରୁ ନେବା ସହ ପୁଅକୁ ଡକାଇଥିଲେ । ପୁଅ ଓ ଝିଅ ଉଭୟଙ୍କ ସହ ଆଲୋଚନା ପରେ ଉଭୟଙ୍କୁ ଛାଡିଦେଇଥିଲେ । ଗତ ମଇ ୨୭ ତାରିଖ ହଠାତ୍ ଥାନାଧିକାରୀ ରିନାରାଣୀ ସାହୁ ଓ ସେମାନଙ୍କ ଷ୍ଟାଫଙ୍କୁ ଧରି ଉଗ୍ରସେନର ଘରେ ପହଂଚି ସରୋଜକୁ ଖୋଜିଥିଲେ । ସରୋଜ ବାହାରେ ଥିବା କହିବାରୁ ପଶି ବଳ ପ୍ରୟୋଗ କରି ଅଶ୍ଲୀଳ ଗାଳିଗୁଲଜ ସହ ଉଗ୍ରସେନ ଓ ତାଙ୍କ ସ୍ତ୍ରୀଙ୍କୁ ମାଡମାରି ବଳ ପୂର୍ବକ ଥାନାକୁ ଉଠାଇନେଇ ନିର୍ଯ୍ୟାତନା ଦେଇଥିଲେ । ତା ପରଦିନ ନଛିନ୍ଦ୍ରପୁର ଗ୍ରାମର ବିଶ୍ୱଭୂଷଣ ବିଶ୍ୱାଳ (ପଡିଆ) ଓ ଆନନ୍ଦ ଚନ୍ଦ୍ର ବିଶ୍ୱାଳ (ଧନୁ) ଆସି ଘଟଣାର ର'ାଦ'ା କରିବାକୁ ଉଗ୍ରସେନକୁ ୧ ଲକ୍ଷଟଙ୍କା ଦାବି କରିଥିଲେ। ସେଦିନ ସନ୍ଧ୍ୟାରେ ପୁଣି ଥାନାରୁ ଡାକରା ଆସିଲା । ଥାନାପାଖରେ ଥିବା ବରଗଛ ମୂଳେ ପଡିଆ, ଧନୁ ଓ ଥାନାଧିକାରୀ ୧ଲକ୍ଷଟଙ୍କା ନଦେଲେ ସରୋକୁ କୋର୍ଟ ଚାଲାଣ କରିବାକୁ ଧମକାଇଥିଲେ। ଉଗ୍ରସେନ ଟଙ୍କା ଦେବାକୁ ରାଜି ନହେବାରୁ ରାତ୍ରୀ ୧୨ଟା ପର୍ଯ୍ୟନ୍ତ ତାଙ୍କୁ ଥାନାରେ ଅଟକ ରଖିବା ସହ ମୋବାଇଲ ରଖିଥିଲେ । ତୁରନ୍ତ ପୁଅକୁ ହାଜର କରିବାକୁ କହି ଛାଡଇଥିଲେ । ଉଗ୍ରସେନ ପରବଦିନ ପୁଅକୁ ଖୋଜି ପାଇନଥିବା ବେଳେ ୩୦ ତାରିଖ ସକାଳେ ଘର ନିକଟସ୍ଥ ଏକ ଗଛରେ ସରୋଜର ଝୁଲନ୍ତା ଶବ ଦେଖିବାକୁ ମିଳିଥିଲା । ଥାନାଧିକାରୀଙ୍କ ମାତ୍ରାଧିକ କାର୍ଯ୍ୟାକଳାପ ବାପ,ମାଙ୍କୁ ମାଡମାରିବା ସହ ବାରମ୍ବାର ନିର୍ଯ୍ୟାତନ ଦେବା ଓ ଟଙ୍କା ମାଗିବା 'ଳରେ ସରୋଜ ଏହା ସହିନପାରି ଆତ୍ମହତ୍ୟା କରିଛି । ପରୋକ୍ଷରେ ଥାନାଧିକାରୀଙ୍କ ପାଇଁ ତାର ମୃତ୍ୟୁ ଘଟିଛି ବୋଲି ଅଭିଯୋଗରେ ଦର୍ଶାଯାଇଛି । ତୁରନ୍ତ ଥାନାଧିକାରୀଙ୍କ ବଦଳି ଓ କାର୍ଯ୍ୟାନୁଷ୍ଠାନ ଦାବି କରିଛି ସରୋଜ ପରିବାର ।

# ଦନ୍ତା ହାତୀ ଭାଙ୍ଗିଲା ଘର: ଅଳ୍ପକେ ବର୍ତ୍ତିଲେ ପରିବାର

ହରିଚନ୍ଦନପୁର, ୧/୦୬ (ନି.ପ୍ର): ଘର ଭାଙ୍ଗିଲା ଦନ୍ତା ହାତୀ, ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ । ଏମିତି ଏକ ଘଟଣା କେନ୍ଦୁଝର ଜିଲ୍ଲା ଘଟଗାଁ ରେଞ୍ଜ ଅନ୍ତର୍ଗତ ଦେଉବନ୍ଧ ବନପାଳ ଅଧିନସ୍ଥ ପିଟାପିଟି ଗ୍ରାମ ପଞ୍ଚାୟତ କୁଆଝରଣ ଗାଁରେ ଦେଖିବାକୁ ମିଳିଛି ।

ମିଳିଥିବା ଖବର ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଦନ୍ତା ହାତୀ ଗାଁ ମଧ୍ୟରେ ପଶି ଉପଦ୍ରବ କରିବା ସହ ସୋମବାରୀ ଜୁଆଙ୍ଗ(୭୦)ଙ୍କ ଘର ଭାଙ୍ଗି ଦେଇଛି। ଠିକ୍ ସେହି ସମୟରେ ଘର ଭିତରେ ଶୋଇଥିବା କ୍ୱାଇଁ ଇନ୍ଦ୍ରମଣି ଜୁଆଙ୍ଗ ଓ ତାଙ୍କ ସ୍ତ୍ରୀ ମୋହିନୀ ଜୁଆଙ୍ଗଙ୍କ ସହ ୨ ପୁଅ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ହାତୀ ଆକ୍ରମଣରେ ଘରର କାନ୍ଥ ଖସିପଡ଼ିଥିବା ବେଳେ ଘରର କବାଟ କଣରେ ଲୁଚି ରହିଥିବା ସମସ୍ତେ ସୁରକ୍ଷିତ ଥିବା ଜଣାପଡିଛି । ତେବେ ବୁଧବାର ଦିନ ସକାଳୁ ଖବର ପାଇ ଦେଉବନ୍ଧ ବନପାଳ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ଜୁଆଙ୍ଗ ସମ୍ପ୍ରଦାୟର ପରିବାରଟି ଗରିବ ଶ୍ରେଣୀର ହୋଇଥିବାରୁ ବହୁ ଦୁଃଖ କଷ୍ଟରେ ପର ଦୁଆରେ ମୂଳ ମଜୁରୀ କଲେ ଘରେ ଚୁଲି ଜଳେ । ଗୋଟିଏ ଘର ଭିତରେ ରୋଷେଇ ଓ ଶୋଇବା ଆଦି ସମସ୍ତ କାମ କରୁଥିବା ବେଳେ ହାତୀ ଆକ୍ରମଣରେ ଘର ଭାଙ୍ଗି ଯାଇଥିବାରୁ ବର୍ତ୍ତମାନ ଏକ ପ୍ରକାର ପରିବାର ଲୋକେ ବାସହରା ହୋଇପଡିଛନ୍ତି । ଅନ୍ୟପଟେ ବର୍ଷା ଦିନ ଆସୁଥିବାରୁ ପରିବାର ଲୋକେ ନାହିଁନଥିବା ଅସୁବିଧାର ଶିକାର ହେବେ ବୋଲି କହିଛନ୍ତି । ତେବେ ଜିଲ୍ଲା ପ୍ରଶାସନ ଘଟଣା ପ୍ରତି ଦୃଷ୍ଟି ଦେଇ ଅସହାୟ ପରିବାର ପ୍ରତି ତୁରନ୍ତ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଦସ୍ତଖତ ଅଭିଯାନ ଓ ଭୁବନେଶ୍ୱର ଚାଲ ପାଇଁ ଆପର ପ୍ରସ୍ତୁତି ବୈଠକ

କୋରେଇ, ୧/୦୬ (ନି.ପ୍ର): ଓଡିଶା ବିଦ୍ୟୁତ କ୍ଷେତ୍ରରେ ଏକ ବଳକା ରାଜ୍ୟ । କିନ୍ତୁ ଏଠାରେ ବିଦ୍ୟୁତ ଛାଡ ନଥିବା ବେଳେ ଦିଲ୍ଲୀ ଓ ପଂଜାବରାଜ୍ୟରେ ବଳକା ବିଦ୍ୟୁତ ନଥାଇ ବିଦ୍ୟୁତ କ୍ରୟ କରି ୨ଶହ ୟୁନିଟ ପର୍ଯ୍ୟନ୍ତ ମାଗଣା ଯୋଗାଇ ଦେଉଛି । ତେବେ ଓଡିଶା ସରକାର କାହିଁକି ବିଦ୍ୟୁତ ଛାଡ କରିପାରୁନି । ଏହାର ପ୍ରତିବାଦରେ ଆମ ଆଦିମ ପାର୍ଟି ପକ୍ଷରୁ ଆସନ୍ତା ଜୁନ ୮ ତାରିଖ ଭୁବନେଶ୍ୱରରେ ଚାଲ ଅଭିଯାନ ପାଇଁ ପ୍ରସ୍ତୁତି ଚାଲିଛି । ଏହି କ୍ରମରେ ଜନସାଧାରଣଙ୍କୁ ସଚେତନତା କରିବା ପାଇଁ ଦସ୍ତଖତ ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ ସହ ଭୁବନେଶ୍ୱର ଚାଲ ପାଇଁ ପ୍ରସ୍ତୁତି କରାଯାଉଛି । କୋରାଇ ବ୍ଲକ ପଥରପଦା ପଂଚାୟତ ଆପ ସଭାପତି ସୁଦର୍ଶନ ମଲ୍ଲିକଙ୍କ ସଭାପତିତ୍ୱରେ ଆଜି ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲ୍ଲା ସଭାପତି ମନୋଜ କୁମାର ମହାନ୍ତି, କୋରାଇ ନିର୍ବାଚନ ମଣ୍ଡଳୀ ଆବାହକ ଧରଣୀଧର ଘଡାଇ, ବ୍ଲକ ସଭାପତି ବାସୁ କିଶୋର ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇଥିବା ବେଳେ ତପନ ମିଶ୍ର, କାର୍ତିକ ଚନ୍ଦ୍ର ପଣ୍ଡା, ଶ୍ୟାମ ସୁନ୍ଦର ଦାସ, ଚକ୍ରଧର ସାହୁ, ବୈରାଗୀ ଜେନା, ସହଦେବ ଜେନା, ଦିବ୍ୟ ସିଂହ ମହାପାତ୍ର, କୈଳାସ ବେହେରା, ଶିବ ରାଉତ, ମୋନାଲିଶା ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ବିଭିନ୍ନ ପଂଚାୟତର ସଭାପତି କର୍ମକର୍ତା ମାନେ ସାମିଲ ହୋଇଥିଲେ । ବୈଠକ ପରେ ନୂଆପଦା ଗ୍ରାମରେ ଦସ୍ତଖତ ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ ଘର ଘର ବୁଲି କରାଯାଇଥିଲା ।

# ସୁବର୍ଣ୍ଣପୁରରେ ଜିଲ୍ଲାସ୍ତରୀୟ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ: ସମ୍ବର୍ଦ୍ଧିତ ହେଲେ ୨୬ ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ

ସୁବର୍ଣ୍ଣପୁର , ୧/୦୬ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ତାଲିମ କେନ୍ଦ୍ର ଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱ ରଂଜନ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶ ଦୃଢ ଇଚ୍ଛାଶକ୍ତି ଦ୍ୱାରା ତମାଖୁ ବର୍ଜନ ସମ୍ଭବ ବୋଲି ଉଲ୍ଲେଖ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ କିଛି ସତ ଘଟଣା ଉପସ୍ଥାପନ ସହ ତମାଖୁ ସେବନର ଭୟାଭୟତା ବିଷୟରେ ସଚେତନତା ବାର୍ତା ରଖିଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମନୋଜ କୁମାର ଅଦାବର ତମାଖୁ ବର୍ଜନ ଦିବସର ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ ଚଳିତ ବର୍ଷର ଥିମ ଉପରେ ଆଲୋଚନା କରିଥିଲେ। ଠିକ ସେହିପରି ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା) ଡାକ୍ତର ପଦ୍ମହଂସା ଦୋରା ତମାଖୁ ସେବନ କିପରି ଯକ୍ଷ୍ମା ରୋଗକୁ ପ୍ରଭାବିତ କରିଥାଏ ତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲ୍ଲାର ୨୬ ଟି ତମାଖୁମୁକ୍ତ ଶିକ୍ଷାନୁଷ୍ଠାନକୁ ଜିଲ୍ଲାପାଳ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶିକ୍ଷାନୁଷ୍ଠାନ ଗୁଡିକ ତରଫରୁ ଡଃ ଦେବାଶିଷ ପାଣ୍ଡିଆ, ଶ୍ରୀମତୀ ରେଖା ପ୍ରଧାନ ଏବଂ ରାଜେନ୍ଦ୍ର ମିଶ୍ର ପ୍ରମୁଖ ସମ୍ବର୍ଦ୍ଧନାର ପ୍ରତ୍ୟୁତର ରଖିଥିଲେ। ସଭା ସଂଯୋଜନା ସହ ସମଗ୍ର କାର୍ଯ୍ୟକ୍ରମଟି ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ବିଶ୍ୱମ୍ବର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅଣ ସଂକ୍ରାମକ ରୋଗ ସହକାରୀ କାର୍ଯ୍ୟକ୍ରମ ପରିଚାଳିକା ଗୀତାଞ୍ଜଳି ମେହେର କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ପ୍ରତିଭାଧାରୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡା, ୧/୦୬ (ନି.ପ୍ର): ରାଜସ୍ଥାନ କୋଟାର ସହଯୋଗରେ କେନ୍ଦ୍ରାପଡା ଖୋଲା ଯାଇଥିବା ମୋସନ କୋଚିଂ ସେଣ୍ଟର ଆନୁକୂଲ୍ୟରେ ଚଳିତ ମାଟ୍ରିକ ପରୀକ୍ଷାରେ ଜିଲ୍ଲାର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ପ୍ରତିଭାଧାରୀ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ମୋସନର ସେଣ୍ଟର ର ମୁଖ୍ୟ ସୁଶିଲ କୁମାର ସାମଲଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତୀ ବିଦ୍ୟା ମନ୍ଦିରର ସଭାପତି ଯୁବ ଆଇନଜୀବି ଶାନ୍ତି ସ୍ୱରୂପ ଭୂୟାଁ, ଜାଭିୟର୍ସ ଇଣ୍ଟର ନ୍ୟାସନାଲ ସ୍କୁଲର ଅଧକ୍ଷ ନିରଞ୍ଜନ ବେହେରା ପ୍ରମୁଖ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ଜିଲ୍ଲାର ଗରିବ ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ଏହି ମୋସନ ସେଣ୍ଟର ରେ ଡାକ୍ତର, ଇଞ୍ଜିନିୟର ଗଠନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ମୋସନ ସେଣ୍ଟର ର ନିର୍ଦ୍ଦେଶକ ଶରତ କୁମାର ବେହୁରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଏକାଡେମୀର ମୁଖ୍ୟ ଅଧାପକ ସୂର୍ଯ୍ୟମଣି ପଣ୍ଡା ମୋସନର ଆଭିମୁଖ୍ୟ ସଂପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । କୋଟାର କେମେଷ୍ଟ୍ରି ଫାକ୍ୱାଲ୍ଟି ଶିବାନନ୍ଦ ସାଇ, କୋଟା ଓ କେନ୍ଦ୍ରାପଡା ସେଣ୍ଟର ମଧ୍ୟରେ ଥିବା ସଂପର୍କ ଓ ଶିକ୍ଷାଦାନ ସଂପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରତିଭାଧାରୀ ଛାତ୍ରଛାତ୍ରୀ, ଅଭିଭାବକଙ୍କ ସହ ମ୍ୟାନେଜିଂ ପାର୍ଟନର ଗୁଣନିଧି ଜଗତି, ପ୍ରଦିପ କୁମାର ଜେନା, ଶରତ କୁମାର ସ୍ୱାଇଁ, ରାଜରାଣୀ ବେହୁରୀ, ଲକ୍ଷ୍ମୀପ୍ରିୟା ନାୟକ, ସ୍ମୃତିପ୍ରଜ୍ଞା ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ ।

## ଜୟନ୍ତିଗିରି ୫ଟି ହାଇସ୍କୁଲ ରୁପାନ୍ତରୀକରଣ ନେଇ ବୈଠକ

ଜୟପୁର, ୧/୦୬ (ନି.ପ୍ର):ଜୟପୁର ବ୍ଲକ ଅନ୍ତର୍ଗତ ଜୟନ୍ତିଗିରି ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ୫ଟି ହାଇସ୍କୁଲ ରୁପାନ୍ତରୀକରଣ ନେଇ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଦର୍ଶ ୫ଟି ବିଦ୍ୟାଳୟ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟ ମାନଙ୍କ ପାଇ ଏହି ବିଦ୍ୟାଳୟ ଉଦାହରଣ ଯେପରି ହୋଇପାରିବ ସେଥି ପ୍ରତି ଗୁରୁତ୍ୱ ଦେଇ କାଯ୍ୟ କରିବାକୁ କହିଥିଲେ । ଏହା ସହ ନୂତନ ଜାଗାରେ ନୂତନ ବିଦ୍ୟାଳୟ କୋଠା ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ । ଏହି କାଯ୍ୟକ୍ରମ ରେ ଜୟପୁର ବ୍ଲକ ଅଧାକ୍ଷା ତିଳୋତମା ମୁଦୁଲି, ସହକାରି ଯନ୍ତ୍ରୀ ବିଶ୍ୱ ନାଥ ପାତ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମଞ୍ଜୁ ବାଳା ମୁନି ପ୍ରମୁଖ ଉପସ୍ଥିତ ଥିଲେ ।

# ଆଧାର ସେବା ପ୍ରଦାନରେ ଅନିୟମିତତା ଅଭିଯୋଗ

ଚମ୍ପୁଆ, ୧/୦୬ (ନି.ପ୍ର): ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ବ୍ଲକ ଅନ୍ତର୍ଗତ ପଂଚାୟତ ଗୁଡିକରେ ଚାଲିଥିବା ଆଧାର ସେବା ପ୍ରଦାନ କ୍ଷେତ୍ରରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି । ସୂଚନା ଅନୁଯାୟୀ, ବ୍ଲକ୍ ଉନ୍ନୟନ ଅଧିକାରୀ, ଯୋଡାଙ୍କ ପତ୍ର ସଂଖ୍ୟା- ୧୬୧୩/ ତା ୨୫/୫/୨୦୨୩ରିଖ ଅନୁଯାୟୀ ଯୋଡ଼ା ବ୍ଲକରେ ରହିଥିବା ସମସ୍ତ ଗ୍ରାମପଂଚାୟତ ମାନଙ୍କରେ ତା ୨୯/୫/୨୦୨୩ ରିଖ ଠାରୁ ତା ୫/୮/୨୦୨୩ ରିଖ ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ଏକ ଅସ୍ଥାୟୀ ଆଧାର ସଂଶୋଧନ ଶିବିରର ଆୟୋଜନ ନିମନ୍ତେ ବିଧିବଦ୍ଧ ଭାବେ ନୋଟିସ୍ ଜାରି କରାଯାଇ ପରବର୍ତୀ ସମୟରେ ପତ୍ର ସଂଖ୍ୟା- ୧୬୧୪ ଜରିଆରେ ସମସ୍ତ ସରପଂଚ ମାନଙ୍କୁ ମଧ ଏହି ବାବଦରେ ଅବଗତ କରାଯାଇଥିଲା । ଯଦ୍ୱାରା ସାଧାରଣ ଜନତା ପୂର୍ବବର୍ଷ ମାନଙ୍କ ପରି ନିଶୁଳ୍କରେ ଆଧାର ସେବା ପାଇପାରିବେ ବୋଲି ଆଶା କରାଯାଉଥିଲା । କିନ୍ତୁ ଉକ୍ତ ପତ୍ରରେ ଅର୍ଥ ସମ୍ବନ୍ଧୀୟ କୌଣସି ସୂଚନା ନଥିଲେ ମଧ ବର୍ତମାନ ଆଧାର ସେବା ପ୍ରଦାନ ଆଳରେ ସାଧାରଣ ଜନତାଙ୍କ ଠାରୁ ଅନ୍ୟାୟ ଭାବେ ଅର୍ଥରାଶି ନିଆଯାଉଥିବାର ଦେଖିବାକୁ ମିଳିଛି । ଯଦ୍ୱାରା ସାଧାରଣ ଜନତା ଶୋଷଣର ଶିକାର ହେବା ସହ ତାହା ବର୍ତମାନ ଏକ ପ୍ରକାରର ପ୍ରହସନ ପାଲଟିଯାଇଛି । ଏହି ସମ୍ବନ୍ଧରେ ଆଜି ମାନବ ପ୍ରେମୀ ସେବା ଟ୍ରଷ୍ଟ ର ସଭାପତି ବିଚିତ୍ରାନନ୍ଦ ଦାସ ଓ ସମ୍ପାଦକ ପିଂଟୁନ ନାଏକଙ୍କ ଜରିଆରେ ବ୍ଲକ ଉନ୍ନୟନ ଅଧିକାରୀ, ଯୋଡାଙ୍କୁ ଏକ ଲିଖିତ ଅଭିଯୋଗ କରାଯାଇଛି । କିନ୍ତୁ ଉନ୍ନୟନ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁଁ ଜିପିଓଙ୍କୁ ଦେଖାକରି ଏହି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯଥାଶୀଘ୍ର ପ୍ରଦାନ କରିବାକୁ ଅନୁରୋଧ କରିବା ସଙ୍ଗେ ସଙ୍ଗେ ଉକ୍ତ କାର୍ଯ୍ୟକ୍ରମରେ ନିଶୁଳ୍କ ଭାବେ ସେବା ପ୍ରଦାନ କରିବା ଅଥବା ତାକୁ ସ୍ଥଗିତ ରଖିବା ନିମନ୍ତେ ଦାବି କରିଥିବାର ଜଣା ପଡିଛି ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ବିଶ୍ୱ ତମାଖୁ ବର୍ଜନ ଦିବସ ଓ ପ୍ଲାଷ୍ଟିକ୍ ବର୍ଜନ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୧/୦୬ (ନି.ପ୍ର): କେନ୍ଦ୍ରାପଡ଼ା ତୁଳସୀ ମହିଳା ମହାବିଦ୍ୟାଳୟରେ ଆଜି ବିଶ୍ୱ ତମାଖୁ ବର୍ଜନ ଦିବସ ଓ ପ୍ଲଷ୍ଟିକ୍ ବର୍ଜନ ପାଇଁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଂଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପୁଷ୍କର ଚନ୍ଦ୍ର ବେହେରା, ଇ. ବିବେଚିତା ଷଡଙ୍ଗୀ ଓ ସହକାରୀ ଇ. ଅନ୍ୱେଷା ପଣ୍ଡା ଯୋଗଦେଇ ଛାତ୍ରୀମାନଙ୍କୁ ପ୍ଲାଷ୍ଟକ୍ ବ୍ୟବହାରର ଭୟାବହତା ଉପରେ ଆଲୋଚନା କରିଥିଲେ । ଆମମାନଙ୍କ ବ୍ୟବହାରରେ ପରିବର୍ତନ ଆଣିବା ଦ୍ୱାରା ଏକ ସୁସ୍ଥ ସମାଜ ଗଠନ ହୋଇ ପାରିବ ବୋଲି ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ ପ୍ରମିଳାରାଣୀ ବେହେରା ପୌରୋହିତ୍ୟ କରିଥିଲେ । ବରିଷ୍ଠ ପ୍ରାଧ୍ୟାପିକା ଜ୍ୟୋତ୍ସ୍ନାମୟୀ ପତି ପରିବେଶ ଅନୁକୂଳ ବ୍ୟବହାର ଉପରେ ଗୁରୁତ୍ୱ ଆରୋପ କରିଥିଲେ । ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ଼ ମଥୁରୀ ଚରଣ ନାୟକ ପ୍ଲାଷ୍ଟିକ୍ ରହିତ ମହାବିଦ୍ୟାଳୟ କ୍ୟାମ୍ପସ୍ ଗଠନ କରିବାରେ ଛାତ୍ରୀମାନଙ୍କ ଯୋଗଦାନ ଉପରେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କର୍ମକର୍ତା, ଅଧ୍ୟକ୍ଷା, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀମାନେ ମହାବିଦ୍ୟାଳୟ ପରିସରରୁ ପ୍ଲାଷ୍ଟିକ୍ ସଂଗ୍ରହ କରି ପ୍ଲାଷ୍ଟିକ୍ ମୁକ୍ତ କ୍ୟାମ୍ପସ୍‌ର ଅଭିଯାନରେ ସାମିଲ୍ ହୋଇଥିଲେ ।



ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ଶୁକ୍ରବାର ୨ ଜୁନ୍ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 2 JUNE 2023
Vol.No. 34 ■ No. 145 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


# ମାନହାନୀ ମାମଲାରେ ସବୁଠୁ ଅଧିକ ଦଣ୍ଡ ବୋଧେ ମୋତେ ମିଳିଛି: ରାହୁଲ ଗାନ୍ଧୀ



ନୂଆଦିଲ୍ଲୀ,୧/୦୬ : ନିଜ ଲୋକସଭା ସଦସ୍ୟତା ପଦ ରଦ୍ଦ ହେବା ନେଇ ସୁଦୂର ଆମେରିକାରେ କ୍ଷୋଭ ପ୍ରକାଶ କରିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧି । ଏଥିସହ ମାନହାନୀ ମାମଲାରେ ନିଜକୁ ସବୁଠୁ ଅଧିକ ଦଣ୍ଡ ପାଇଥିବା ବ୍ୟକ୍ତି ବୋଲି ସେ କହିଛନ୍ତି । ଏପରି ଦିନ ବି ଦେଖିବାକୁ ପଡ଼ିବ ବୋଲି କେବେ ଭାବି ନ ଥିବା ସେ କହିଛନ୍ତି । ଗୁରୁବାର ଷ୍ଟାନଫୋର୍ଡ ୟୁନିଭରସିଟିର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ରାହୁଲ ନିଜ ମନର କ୍ଷୋଭ ବଖାଣିବା ସହ ବିଜେପିକୁ ଟାର୍ଗେଟ କରିବାକୁ ପଛାଇ ନାହାନ୍ତି। ଏଥିସହ ସେ କହିଛନ୍ତି, ଏହି କାର୍ଯ୍ୟକ୍ରମରେ ମୋର ପରିଚୟ ପୂର୍ବତନ ସାଂସଦ ବୋଲି କୁହାଗଲା, ଯାହାକି ମୋତେ ଶକ୍ତ ଧକ୍କା ଦେଲା। ୨୦୦୪ ମସିହାରେ ଯେତେବେଳେ ମୁଁ ରାଜନୀତିରେ ପାଦ ଦେଇଥିଲି, ଏପରି ଦିନର ସାମନା କରିବାକୁ ପଡ଼ିବ ବୋଲି ସ୍ୱପ୍ନରେ ବି ଭାବି ନ ଥିଲି। ହେଲେ ସଂସଦରେ ବସି ମୋତେ ଯେଉଁ ସୁଯୋଗ ମିଳିଥାନ୍ତା, ଏବେ ତା'ଠୁ ବଡ଼ ସୁଯୋଗ ପାଇଛି ବୋଲି କହିଛନ୍ତି ରାହୁଲ ଗାନ୍ଧି । ସେ କହିଛନ୍ତି, ସବୁ ସଂସ୍ଥା ଉପରେ ବିଜେପି କବଜା କରି ରଖିଛି। ଲୋକତାନ୍ତ୍ରୀକ ଉପାୟରେ ଆମେ ଏହାର ବିରୋଧ କରୁଛୁ। ଏଥିପାଇଁ ମୁଁ ରାସ୍ତାକୁ ଓହ୍ଲାଇ ଜନସମ୍ପର୍କ ଯାତ୍ରା କରିବାକୁ ନିଷ୍ପତ୍ତି ନେଲି। ମାତ୍ର ସେତେବେଳେ ବି ମୋତେ ଭୟଭୀତ କରାଗଲା। ମୋତେ କୁହାଗଲା, ଯଦି ତୁମେ କଶ୍ମୀରରେ ପଦଯାତ୍ରା କରିବ, ତାହେଲେ ତୁମକୁ ହତ୍ୟା କରାଯାଇପାରେ । ହେଲେ ମୁଁ ଏହାକୁ ଖାତିର ନ କରି ଆଗେଇ ଚାଲିଲି। ତେଣୁ ଅପର ପାର୍ଶ୍ୱରେ ଥିବା ବ୍ୟକ୍ତିଙ୍କ ବିଷୟରେ ଭାବିବା ଅପେକ୍ଷା ନିଜ ନିଷ୍ପତ୍ତିରେ ଦୃଢ ରହିବା ଆବଶ୍ୟକ । ବୁଧବାର ସାନ ଫ୍ରାନ୍ସିକୋରେ ଭାରତୀୟ ବଂଶୋଦ୍ଭଙ୍କୁ ସମ୍ବୋଧନ କରି ରାହୁଲ ଗାନ୍ଧି ନୂତନ ସଂସଦ ଭବନ, ଭାରତରେ ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର ଆଦି ବିଭିନ୍ନ ପ୍ରସଙ୍ଗ ଉଠାଇ ମୋଦି ସରକାରଙ୍କୁ ଘେରିଥିଲେ। ଏଥିସହ ପ୍ରଧାନମନ୍ତ୍ରୀ ମୋଦି ସବୁ ଜାଣିଥିବା ଭାବି ନେଇଥିବା ବେଳେ ସେ ଭଗବାନଙ୍କୁ ବି ବ୍ରହ୍ମାଣ୍ଡ ବିଷୟରେ ଜ୍ଞାନ ଦେବାକୁ ପଛାଇବେ ନାହିଁ ବୋଲି କହିଥିଲେ। ସୂଚନାଯୋଗ୍ୟ, ମୋଦି ସରନେମ ଉପରେ ୨୦୧୯ ମସିହାରେ ରାହୁଲ ଗାନ୍ଧି ଦେଇଥିବା ବିବାଦୀୟ ବୟାନ ପାଇଁ ତାଙ୍କ ଉପରେ ମାନହାନୀ ମାମଲା ରୁଜୁ ହୋଇଥିଲା। କୋର୍ଟ ତାଙ୍କୁ ୨ ବର୍ଷର ଦଣ୍ଡ ଶୁଣାଇଥିବା ବେଳେ ଏହାପରେ ତାଙ୍କ ଲୋକସଭା ସଦସ୍ୟତା ପଦ ରଦ୍ଦ ହୋଇ ଯାଇଛି।

# ମଧ୍ୟମ ଦୂରଗାମୀ ବାଲେଷ୍ଟିକ୍ ମିସାଇଲ ଅଗ୍ନି-୧ର ସଫଳ ପରୀକ୍ଷଣ




ବାଲେଶ୍ୱର, ୧/୦୬ (ନି.ପ୍ର): ଚାନ୍ଦିପୁର ଡିଆରଡିଓର ଧାମରା ସ୍ଥିତ ଏପିଜେ ଅବଦୁଲ କଲାମ ଦ୍ୱୀପ(୪ନମ୍ବର ଲଞ୍ଚପ୍ୟାଡ୍)ରୁ ଆଜି ମଧ୍ୟମ ଦୂରଗାମୀ ବାଲିଷ୍ଟିକ୍ ମିସାଇଲ ଅଗ୍ନି-୧ର ସଫଳ ପରୀକ୍ଷଣ କରାଯାଇଛି । ଏହି ପରୀକ୍ଷଣ ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡ ଦ୍ୱାରା କରାଯାଇଥିଲା। ଭୂପୃଷ୍ଠରୁ ଭୂପୃଷ୍ଠ ନିକ୍ଷେପ କରାଯାଇ ପାରୁଥିବା ଏହି ଆଣବିକ ଶକ୍ତିସମ୍ପନ୍ନ କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ରହିଛି ୭୫୦ରୁ ୧୨୦୦ କିଲୋମିଟର। ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଅଗ୍ନି-୧ କ୍ଷେପଣାସ୍ତ୍ର ଏକ ପ୍ରମାଣିତ ପ୍ରଣାଳୀ, ବହୁ ଉଚ୍ଚରୁ ଶତ୍ରୁପକ୍ଷର କ୍ଷେପଣାସ୍ତ୍ରକୁ ଲକ୍ଷଭେଦ କରିବାରେ ଏହା ସକ୍ଷମ ହୋଇସାରିଛି । ଏହି କ୍ଷେପଣାସ୍ତ୍ରର ପରୀକ୍ଷଣ ସମସ୍ତ ପ୍ରାୟୋଗିକ ଓ ବୈଷୟିକ ମାନଦଣ୍ଡକୁ ସଫଳତାର ସହ ଅତିକ୍ରମ କରିଥିବା ଜଣାଯାଇଛି।

# ଆଜି ପ୍ରକାଶ ପାଇବ ଓଜେଇଇ ରେଜଲ୍ଟ

ଭୁବନେଶ୍ୱର, ୧/୦୬ (ନି.ପ୍ର): ଆସନ୍ତାକାଲି ପ୍ରକାଶ ପାଇବ ଓଜେଇଇ ରେଜଲ୍ଟ। ପୂର୍ବାହ୍ନ ୧୧ଟାରେ ରେଜଲ୍ଟ ପ୍ରକାଶ ପାଇବ। ଓଜେଇଇ ୱେବସାଇଟ୍ ଜରିଆରେ ମିଳିବ ପରୀକ୍ଷା ଫଳ। ମେ' ୮ରୁ ମେ' ୧୫ ପର୍ଯ୍ୟନ୍ତ ହୋଇଥିଲା ପରୀକ୍ଷା। ପ୍ରାୟ ୫୬ ହଜାର ପିଲା ପରୀକ୍ଷା ଦେଇଥିଲେ। ଲାଟରାଲ ଏଣ୍ଟ୍ରି, ଏମଟେକ୍, ଏମବିଏ, ଏମସିଏ ଭଳି ପ୍ରଫେସନାଲ କୋର୍ସରେ ଆଡମିଶନ ଲାଗି ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ରାଜ୍ୟ ଭିତରେ ୪୦ଟି ଓ ରାଜ୍ୟ ବାହାରେ ୩ଟି ମୋଟ ୪୩ଟି ପରୀକ୍ଷା କେନ୍ଦ୍ରରେ ହୋଇଥିଲା ପରୀକ୍ଷା। ଆସନ୍ତାକାଲି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଆନୁଷ୍ଠାନିକ ଭାବେ ରେଜଲ୍ଟ ଘୋଷଣା କରିବେ।

# ବିଜେଡିରେ ଶହେରୁ ଊର୍ଦ୍ଧ୍ୱ ବିଭୀଷଣ ଅଛନ୍ତି: ପୃଥ୍ୱୀରାଜ ହରିଚନ୍ଦନ



ଭୁବନେଶ୍ୱର, ୧/୦୬ (ନି.ପ୍ର): ବିଜେଡିରେ ଶହେରୁ ଊର୍ଦ୍ଧ୍ୱ ବିଭୀଷଣ ଅଛନ୍ତି। ଯେଉଁମାନେ ରାବଣରାଜ ଶେଷ କରିବାକୁ ଚାହୁଁଛନ୍ତି, ସେମାନେ ବିଜେପି ସହ ଅଛନ୍ତି। ଆଜି ଏପରି ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି ବିଜେପି ନେତା ପୃଥ୍ୱୀରାଜ ହରିଚନ୍ଦନ। ତେବେ କିଏ ସେହି ବିଭୀଷଣ ସେନେଇ କିଛି କହି ନାହାନ୍ତି ହରିଚନ୍ଦନ। ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ହରିଚନ୍ଦନ କହିଛନ୍ତି, ବିଜେଡି ବିଧାୟକମାନେ ବିଜେପି ସମ୍ପର୍କରେ ଥିବା କଥାରେ ସତ୍ୟତା ଅଛି। ରାବଣର ସାମ୍ରାଜ୍ୟକୁ ଶେଷ କରିବା ପାଇଁ ଜଣେ ବିଭୀଷଣର ଆବଶ୍ୟକତା ଥିଲା। ଏବେ ବିଜେଡି ଓ ରାଜ୍ୟ ସରକାରରେ ଭ୍ରଷ୍ଟାଚାର, ଅନାଚାର ଏବଂ ଏକଛତ୍ରବାଦ ଚାଲିଛି। ଏହାକୁ ଶେଷ କରିବା ପାଇଁ ବିଜେଡିରେ ଶହେରୁ ଊର୍ଦ୍ଧ୍ୱ ବିଭୀଷଣ ହୋଇ ବିଭିନ୍ନ ନେତୃତ୍ୱ ବାହାରିବେ। ଧର୍ମର ସାଥ ଦେବେ।

# ମାଲକାନଗିରିରେ କାଳବୈଶାଖୀର ତାଣ୍ଡବ

## ■ନିର୍ମାଣାଧୀନ ଏୟାରଷ୍ଟ୍ରିପ୍‌ର ପାଚେରୀ ଭାଙ୍ଗିଲା
## ■ସତୀଗୁଡ଼ା ଜଳଭଣ୍ଡାରରେ ଡଙ୍ଗା ବୁଡ଼ି ୨ ନିଖୋଜ
## ■ଓଡ୍ରାଫ୍ ଟିମ୍ ପଠାଇଲେ ଏସଆରସି



ମାଲକାନଗିରି/ଭୁବନେଶ୍ୱର, ୧/୦୬ (ନି.ପ୍ର): ଗୁରୁବାର ଅପରାହ୍ଣ ସମୟରେ ମାଲକାନଗିରିରେ ତାଣ୍ଡବ ରଚିଛି କାଳବୈଶାଖୀ। କାଳବୈଶାଖୀ ପ୍ରଭାବରେ ନିର୍ମାଣାଧୀନ ଏୟାରଷ୍ଟ୍ରିପ୍‌ର ପାଚେରୀ ଭାଙ୍ଗିଯାଇଛି। ଫଳରେ ଏଠାରେ କାର୍ଯ୍ୟରତ ୫ ଜଣ ଶ୍ରମିକ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେହିପରି ମାଲକାନଗିରି ସହର ନିକଟସ୍ଥ ସତୀଗୁଡ଼ା ଜଳଭଣ୍ଡାରରେ ୨ଟି ଡଙ୍ଗା ବୁଡ଼ିଯାଇଥିବାରୁ ୨ ଜଣ ମତ୍ସଜୀବୀ ନିଖୋଜ ଅଛନ୍ତି। ସେମାନଙ୍କର ପରିଚୟ ମିଳିନାହିଁ। ଅପରପକ୍ଷରେ ସତୀଗୁଡ଼ା ଜଳଭଣ୍ଡାରରେ ନିଖୋଜ ୨ ଜଣ ବ୍ୟକ୍ତିଙ୍କୁ ଖୋଜିବା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର କୋରାପୁଟସ୍ଥିତ ଓଡ୍ରାଫ୍ ଟିମ୍ କୁ ମାଲକାନଗିରି ଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସନ୍ଧାନ କାର୍ଯ୍ୟରେ ଓଡ୍ରାଫ୍ ଟିମ୍ ଙ୍କୁ ସହଯୋଗ କରିବା ପାଇଁ ଅଗ୍ନିଶମ ବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କ୍ଷତିଗ୍ରସ୍ତ ବିଦ୍ୟୁତ ଭିତିଭୂମି ଶୀଘ୍ର ସଜାଡ଼ିବାକୁ ଟାଟା ପାୱାରକୁ ନିର୍ଦ୍ଦେଶ ଦେଇଛନ୍ତି।

# ସୁଲଗ୍ନା କଲେଜର ଶତ ପ୍ରତିଶତ ସଫଳତା



ବାଲେଶ୍ୱର , ୧/୦୬ (ନି.ପ୍ର): ଚଳିତବର୍ଷ ମାର୍ଚ୍ଚ ମାସରେ ଓଡିଶା ଉଚ୍ଚମାଧ୍ୟମିକ ଶିକ୍ଷାପରିଷଦ ଦ୍ୱାରା ଅନୁଷ୍ଠିତ ହୋଇଥିବା +୨ ବିଭିନ୍ନ ଶ୍ରେଣୀର ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି । ଏଥିରେ ବାଲେଶ୍ୱର, ସରିତାନଗର ମଠସାହି ସ୍ଥିତ ସୁଲଗ୍ନା କଲେଜର ମୋଟ୍ ୨୦୧ ଜଣ +୨ ବିଜ୍ଞାନ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଶତ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିଲା ବେଳେ ୮ଜଣ ପରୀକ୍ଷାର୍ଥୀ ଶତକଡା ୯୦ ରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି ଏବଂ ୧୯୫ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ସ୍ୱାଗତ ବେରା ସର୍ବାଧିକ ୫୫୩ ନମ୍ବର ରଖିଥିଲା ବେଳେ ଅଭିଷେକ ଷଣ୍ଢ -୫୪୬, ରୋହିତ୍ ପ୍ରଧାନ -୫୪୪, ସ୍ୱାଧୀନ ବିଶ୍ୱାଳ -୫୪୪, ଅବିନାଶ ବେହେରା -୫୪୩, ଜୟପ୍ରକାଶ ଗିରି -୫୪୨,ଜିଗୀଷାରାଣୀ ନାଥ -୫୪୧ ଏବଂ ଗିରିଜା ଶଙ୍କର ଜେନା - ୫୪୦ ନମ୍ବର ରଖି ଅଧ୍ୟାପକ, ଅଧ୍ୟାପିକା, କଲେଜ କର୍ତ୍ତୃପକ୍ଷ ଏବଂ ଅଭିଭାବକଙ୍କ ମଧ୍ୟରେ ଆନନ୍ଦର ବାତାବରଣ ଆଣିଦେଇଛନ୍ତି । ଆଜିଠାରୁ ଅନ୍‌ଲାଇନ୍‌ରେ ଏହି ଫଳ ଉପଲବ୍ଧ ହେଉଥିଲା ବେଳେ ମଧ୍ୟାହ୍ନରେ ସମୂହଭାବେ ପରୀକ୍ଷାଫଳ ଦେଖିବାପାଇଁ ସୁଲଗ୍ନା କଲେଜ ପରିସରରେ କଲେଜର ଛାତ୍ରଛାତ୍ରୀ ତଥା ଅଭିଭାବକ ମାନଙ୍କର ଭିଡ ଲାଗି ରହିଥିଲା । ପରୀକ୍ଷା ଫଳ ପ୍ରକାଶ ପାଇଲା ବେଳେ କଲେଜର ବିଭିନ୍ନ ବିଭାଗୀୟ ଅଧ୍ୟାପକ, ଅଧ୍ୟାପିକା ଓ କଲେଜ କର୍ତ୍ତୃପକ୍ଷଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ କଲେଜ ପରିସରରେ ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀମାନଙ୍କର ଉକ୍ତ ସଫଳତା ପାଇଁ ସୁଲଗ୍ନା କଲେଜର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଡ. ଘନଶ୍ୟାମ ବିଶ୍ୱାଳ ସମସ୍ତଙ୍କୁ ବଧାଇ ଜଣାଇବା ସହ ୯୦%ରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ କଲେଜ ପକ୍ଷରୁ ସତନ୍ତ୍ର ଫଳକ ଓ ପୁଷ୍ପଗୁଚ୍ଛରେ ସମ୍ବର୍ଦ୍ଧିତ କରିଥିଲେ ଓ ସମସ୍ତଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ।

## ପ୍ରତାପ ସାମଲଙ୍କର ୧୧ କୋଟି ଟଙ୍କାର ସମ୍ପତି ଆଟାଚ୍ କଲା ଇଡି

ଭୁବନେଶ୍ୱର, ୧/୦୬ (ନି.ପ୍ର): ଓଡ଼ିଶା ପୋଲିସ ଗୃହ ନିର୍ମାଣ ନିଗମ ପୂର୍ବତନ ଡେପୁଟି ମ୍ୟାନେଜର ପ୍ରତାପ ସାମଲଙ୍କର ୧୧ କୋଟି ୩୫ ଲକ୍ଷ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତି ଆଟାଚ୍ କରିଛି ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡି)। ପୂର୍ବରୁ ପ୍ରତାପଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରି ୧୪ କୋଟିର ସମ୍ପତି ପାଇଥିଲା । ଗତବର୍ଷ ନଭେମ୍ବର ୧୦ ତାରିଖରେ ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ଉଭୟ ସାମଲ ସ୍ୱାମୀ -ସ୍ତ୍ରୀଙ୍କୁ ଗିରଫ କରିଥିଲା ଭିଜିଲାନ୍ସ। ସେତେବେଳେ ତାଙ୍କର ୧୪ କୋଟି ୮୭ ଲକ୍ଷ ଟଙ୍କାର ଆୟ ବର୍ହିଭୂତ ସମ୍ପତି ଠାବ ହୋଇଥିଲା।

# ୧୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ ଜୁନିଅର ରେଭିନ୍ୟୁ ଆସିଷ୍ଟାଣ୍ଟ: ମାଡ଼ିବସିଲା ଭିଜିଲାନ୍ସ

କେନ୍ଦୁଝର, ୧/୦୬ (ନି.ପ୍ର): ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାବୁଡ଼ରେ ପଡ଼ିଗଲେ ଜୁନିଅର ରେଭିନ୍ୟୁ ଆସିଷ୍ଟାଣ୍ଟ। ୧୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି କେନ୍ଦୁଝର ଜିଲ୍ଲା ଘଟଗାଁ ତହସିଲର ଜୁନିଅର ରେଭିନ୍ୟୁ ଆସିଷ୍ଟାଣ୍ଟ ଦେବାଶିଷ ପଣ୍ଡା। ଭିଜିଲାନ୍ସ ତାଙ୍କ ପାଖରୁ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ ପଚରାଉଚରା କରୁଛି। ସାଙ୍ଗରିଡଲି ଗାଁର ବନମାଳି ପ୍ରଧାନ ନିଜ ଜମି ପଟ୍ଟା କରିବା ପାଇଁ କିଛି ଦିନ ହେବ ଦେବାଶିଷଙ୍କ ପାଖକୁ ଆସିଥିଲେ। ଶୀଘ୍ର ଜମି ପଟ୍ଟା କରି ଦେବାକୁ ରେଭିନ୍ୟୁ ଆସିଷ୍ଟାଣ୍ଟଙ୍କୁ ବନମାଳି କହିଥିଲେ। ଏଥିପାଇଁ ଦେବାଶିଷ ବନମାଳିଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ବନମାଳି ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଗତକାଲି ଭିଜିଲାନ୍ସ ଅଧିକାରୀ ତହସିଲ ଅଫିସରେ ଜଗି ରହିଥିଲେ। ଗତକାଲି ଦେବାଶିଷ ଲାଞ୍ଚ ନେବାବେଳେ ଭିଜିଲାନ୍ସ ଅଧିକାରୀ ମାଡ଼ି ବସିଥିଲେ। ତାଙ୍କ ଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ଦେବାଶିଷଙ୍କୁ ଗିରଫ କରିଥିଲା ଭିଜିଲାନ୍ସ। ଆଜି ସକାଳେ ଦେବାଶିଷଙ୍କ ଘର, ପୈତୃକ ଘର, ଭଡ଼ା ଘର ଓ ଅଫିସରେ ଭିଜିଲାନ୍ସ ଚଢ଼ାଉ କରିଛି। ଚଢ଼ାଉ ବେଳେ ଭିଜିଲାନ୍ସ ଅଧିକାରୀ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିବା ସୂଚନା ମିଳିଛି।

# ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଜାରି ରହିବ କାଳବୈଶାଖୀ ବର୍ଷା

ଭୁବନେଶ୍ୱର, ୧/୦୬ (ନି.ପ୍ର): ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଜାରି ରହିବ କାଳବୈଶାଖୀ ବର୍ଷା। ଏ ନେଇ ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଆସନ୍ତା ୨୪ ଘଣ୍ଟା ଭିତରେ ଗଜପତି, ଗଂଜାମ, କନ୍ଧମାଳ, ରାୟଗଡ଼ା ଜିଲ୍ଲାରେ କାଳବୈଶାଖୀ ବର୍ଷା ସମ୍ଭାବନା ରହିଛି। ଏଥିସହ ଗଜପତି, ଗଂଜାମ, କନ୍ଧମାଳ, ରାୟଗଡ଼ା, କୋରାପୁଟ, ପୁରୀ, ନୟାଗଡ଼, ଖୋର୍ଦ୍ଧା, କଟକ ଓ ଜଗତସିଂହପୁର ଜିଲ୍ଲାରେ ମଧ ଘଡ଼ଘଡ଼ି ସହ ବର୍ଷା ଏବଂ ୩୦ରୁ ୪୦ କିମି ବେଗରେ ପବନ ବହିବା ସମ୍ଭାବନା ରହିଛି। ଆସନ୍ତାକାଲି ଓ ଜୁନ ୩ ତାରିଖରେ ଉପକୂଳ ଓଡ଼ିଶା ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ସମ୍ଭାବନା ରହିଛି। ତେବେ ୪ ଏବଂ ୫ ତାରିଖରେ କାଳବୈଶାଖୀ ପ୍ରଭାବ ପୁଣି ବଢ଼ିପାରେ।

# ଦିଲ୍ଲୀ ଅଧ୍ୟାଦେଶକୁ ନେଇ ଚେନ୍ନାଇରୁ କଂଗ୍ରେସ ନୂଆ ବାର୍ତ୍ତା ଦେଲେ କେଜ୍ରିୱାଲ



ନୂଆଦିଲ୍ଲୀ, ୧/୦୬ (ନି.ପ୍ର): ଦିଲ୍ଲୀ ପାଇଁ କେନ୍ଦ୍ର ସରକାର ଆଣିଥିବା ଅଧ୍ୟାଦେଶ ପ୍ରସଙ୍ଗରେ କଂଗ୍ରେସକୁ ନୂଆ ବାର୍ତ୍ତା ଦେଇଛନ୍ତି ଆପ୍ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ। ଦିଲ୍ଲୀର ପୋଷ୍ଟିଂ ଓ ବଦଳି ଉପରେ ଉପ ରାଜ୍ୟପାଳଙ୍କ ଅଧିକାର ରହିଛି ବୋଲି କେନ୍ଦ୍ର ସରକାର ଅଧ୍ୟାଦେଶ ଜାରି କରିଥିବା ବେଳେ ଏହାକୁ ସଂସଦରେ ମାତ ଦେବାକୁ କେଜ୍ରିୱାଲ ଉଦ୍ୟମ ଜାରି ରଖିଛନ୍ତି। ଏଥିପାଇଁ ଆଜି ସେ ପୁଣି କଂଗ୍ରେସର ସମର୍ଥନ ଚେନ୍ନାଇରୁ ମାଗିଛନ୍ତି। କଂଗ୍ରେସ ଏହି ପ୍ରସଙ୍ଗରେ ଆପ୍‌କୁ ସମର୍ଥନ କରିବ କି ନାହିଁ, ତା'ର ନିଷ୍ପତ୍ତି ଏଯାଏ ନେଇ ନାହିଁ। ହେଲେ କେଜ୍ରିୱାଲ କଂଗ୍ରେସର ସହଯୋଗୀ ଦଳମାନଙ୍କୁ ଅଧ୍ୟାଦେଶ ବିରୋଧୀରେ ଏକାଠି କରିବାରେ ଲାଗିଛନ୍ତି। କଂଗ୍ରେସର ମହାରାଷ୍ଟ୍ର ସହଯୋଗୀ ଉଦ୍ଧବ ଠାକରେ ଓ ଭେଟରାନ ରାଜନେତା ଶରଦ ପାୱାରଙ୍କୁ ଭେଟି କେଜ୍ରିୱାଲ ସମର୍ଥନ ହାସଲ କରି ସାରିଛନ୍ତି। ଆଜି ସେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସର ସହଯୋଗୀ ଏମକେ ଷ୍ଟାଲିନଙ୍କୁ ଭେଟିଛନ୍ତି। ଷ୍ଟାଲିନ ମଧ୍ୟ କେଜ୍ରିୱାଲଙ୍କୁ ସମର୍ଥନ କରିବେ ବୋଲି କହିଛନ୍ତି। ଷ୍ଟାଲିନଙ୍କୁ ଭେଟିବା ପରେ କେଜ୍ରିୱାଲ ସ୍ପଷ୍ଟ ଭାବେ କହିଛନ୍ତି ଯେ "କଂଗ୍ରେସ ଏହାକୁ ଯେମିତି ହେଲେ ସମର୍ଥନ କରିବା ଦରକାର। ୨୦୨୪ ପାଇଁ ମିଳିତ ବିରୋଧୀ ମେଣ୍ଟର ନୀତିଗତି ସମ୍ପର୍କରେ ଧାର୍ଯ୍ୟ ମିଟିଂରେ ଆଲୋଚନା କରାଯିବ।"

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ମଣିଷ ବଦଳିଲେ ଯୁଗ ବଦଳେ...

ମଣିଷ ବଦଳିଲେ ଯୁଗ ବଦଳିବ- ଏହି ବାକ୍ୟଟି କେହି ଜଣେ ମହାପୁରୁଷ କହିଥିଲେ ଅନେକ ବର୍ଷ ପୂର୍ବେ । ଆଉ ଆଜି ସତରେ ତାହା ହିଁ ପ୍ରମାଣିତ ହୋଇଛି ମଣିଷ ଜୀବନର ପ୍ରତିଟି ପଦକ୍ଷେପରେ । ତେବେ ବିଜ୍ଞାନ ପିଠିରେ ଚଢ଼ି ମଣିଷ ଧୀରେ ଧୀରେ ପ୍ରାକୃତିକ ନୁହେଁ, ବରଂ କୃତ୍ରିମ ଆଡ଼କୁ ଅଗ୍ରସର ହୋଇ ଜୀବନରେ ଅପାର ସୁଖଶାନ୍ତି ତ ଲାଭ କରୁଛି, ପରନ୍ତୁ ପ୍ରଶ୍ନ ଉଠେ- ଏହାଦ୍ୱାରା ମଣିଷ ନିଜର ବିନାଶକୁ ଡାକି ଆଣୁନାହିଁ ତ ? ଏ ପ୍ରଶ୍ନ ଆଜିକା ସମୟରେ ବେଶୀ ଉଠୁଛି ମଣିଷ-ସୃଷ୍ଟ କୃତ୍ରିମ ଧୀମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)କୁ ନେଇ, ଯାହା ଏହାର ଉଦ୍ଭାବକମାନଙ୍କ ଅନୁସାରେ ଉପଯୋଗ ହେଲେ ଉଦ୍ଭାବକଙ୍କୁ ମଧ୍ୟ ପଛରେ ପକାଇ ଦେବାର ସମ୍ଭାବନା ବହନ କରୁଛି । ଆଉ ସେଥିପାଇଁ ପାରସ୍ପରିକ କ୍ରିୟା ସମ୍ପାଦନକାରୀ ଚାଟ୍, ଚାପିଟି ଖୋଲଏଆଇ (ଓପନ୍‌ଏଆଇ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାମ୍ ଅମ୍ୟାନ୍ ଏଇ ମାତ୍ର ଅଳ୍ପ କିଛିଦିନ ପୂର୍ବେ ଯେତେବେଳେ କହିଲେ ଯେ ସେ ବୋଧହୁଏ ଏମିତି କିଛି ଜିନିଷକୁ ଖୋଲି ଦେଇଛନ୍ତି, ଯାହାକୁ ସେ ନିଜେ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ନିୟନ୍ତ୍ରଣ କରି ପାରିବେ ନାହିଁ, ସେତେବେଳେ ସାରା ବିଶ୍ୱ ଏହାକୁ ଏକ ଚେତାବନୀ ଭାବରେ ଗ୍ରହଣ କରିଛି ଏବଂ ସମଗ୍ର ପ୍ରଯୁକ୍ତି ଜଗତରେ ଏକ ଝଡ଼ ସୃଷ୍ଟି ହେଲା ଭଳି ପରିସ୍ଥିତି ଦେଖା ଦେଇଛି । ଆମେରିକା କଂଗ୍ରେସକୁ ଏକ ବୟାନ ଦେଇ ସେ ତାଙ୍କ ନିଜର ଏଆଇ ପ୍ରତିଷ୍ଠାନ ଭଳି ସମସ୍ତ ସମଧର୍ମା ପ୍ରତିଷ୍ଠାନକୁ ନିୟନ୍ତ୍ରଣ କରିବାକୁ ନିୟମାବଳୀ ପ୍ରଣୟନ ନିମନ୍ତେ ସମର୍ଥନ ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ ଗୁଗଲର 'ବା' ସମେତ ତାଙ୍କ 'ଚାଜିପିଟି' ଭଳି ସୃଷ୍ଟିକାରୀ ଏଆଇଗୁଡ଼ିକ ଯେଉଁ ମଞ୍ଚ ବ୍ୟବହାର କରୁଛନ୍ତି, ସେସବୁ ପାଠ୍ୟକୁ ଉତ୍ପାଦନ କରିବା ସହିତ ବିଶ୍ଳେଷଣ କରିବା, କଠିନ ପରୀକ୍ଷାଗୁଡ଼ିକରେ ଉତ୍ତୀର୍ଣ୍ଣ ହେବାରେ ସକ୍ଷମ ହେବା, ଏବଂ ଅନ୍ୟାନ୍ୟ ଭାଷା ଓ ବାକ୍‌ଶକ୍ତି-ସମ୍ପର୍କିତ କାର୍ଯ୍ୟଗୁଡ଼ିକୁ କରିବାରେ ମଣିଷମାନଙ୍କୁ ନକଲ କରି ପାରିବେ । ଏହି ପ୍ରଯୁକ୍ତ ସମଗ୍ର ବିଶ୍ୱକୁ ପରିବର୍ତ୍ତିତ କରିଦେବା ପାଇଁ ପ୍ରତିଶ୍ରୁତିପୂର୍ଣ୍ଣ ବୋଲି କୁହାଯାଇପାରେ; ମାର୍ଚ୍ଚ ମାସରେ ଗୋଲ୍ଡମ୍ୟାନ୍ ସାଚସ୍ ସତର୍କ କରାଇ ଦେଇଥିଲେ ଯେ ଏହା ୩୦୦ ମିଲିଅନ୍ ଚାକିରିର ଅନ୍ତ କରିଦେଇ ପାରେ । ଏଆଇ ବିପ୍ଳବର ଏହା ହେଉଛି ଏକ ଅଂଶ ମାତ୍ର, ଯାହା ଅନେକଗୁଡ଼ିଏ ଉଦ୍ୟୋଗରେ ବିପ୍ଳବାତ୍ମକ ପରିସ୍ଥିତି ସୃଷ୍ଟି କରିବା ସହିତ ବାସ୍ତବତାର ଅର୍ଥ କ'ଣ, ସେ ବାବଦରେ ମଣିଷର ଦୃଷ୍ଟିଭଙ୍ଗୀକୁ ରୂପରେଖ ପ୍ରଦାନ କରିବାର ସମ୍ଭାବନା ରଖେ । ବର୍ତ୍ତମାନ ସୁଦ୍ଧା ଚୀନ୍ ଏବଂ ୟୁରୋପୀୟ ରାଷ୍ଟ୍ରସଂଘ (ଇୟୁ) ହାତର କଥା ଅଣ ଆୟତ୍ତ ହେବା ପୂର୍ବରୁ ଯେଉଁସବୁ ପ୍ରଯୁକ୍ତ ହାନିକାରକ ହେବାର ସମ୍ଭାବନା ବହନ କରୁଛନ୍ତି, ସେଗୁଡ଼ିକୁ ଲକ୍ଷ୍ୟଭୁକ୍ତ କରି ଆଇନ ପ୍ରଣୟନ କରିବା ଆରମ୍ଭ କରି ସାରିଛନ୍ତି । ଚୀନ୍ ଏକ ଆଲଗୋରିଦମ୍ ପଞ୍ଜିକା ପ୍ରତିଷ୍ଠା କରିଛି, ଯେଉଁଥିରେ ଏଆଇ ପ୍ରତିଷ୍ଠାନଗୁଡ଼ିକ ସେମାନଙ୍କ ଉତ୍ପାଦଗୁଡ଼ିକର ଉତ୍ସ କୋଡ୍ ଆବଣ୍ଟିତ କରିବାର ଆବଶ୍ୟକତା ରଖାଯାଇଛି । ଏହା ଗଭୀର ଭାବରେ ନକଲି ପ୍ରଯୁକ୍ତି ସମ୍ପର୍କରେ ଆଇନ ପ୍ରଣୟନ କରି ସାରିଛି ଏବଂ ଯଦି ସେମାନଙ୍କ ଏଆଇ ଯୋଗୁଁ କିଛି ଦୁର୍ଘଟଣା ଘଟେ, ତା'ହେଲେ ସମ୍ପୃକ୍ତ କମ୍ପାନୀଗୁଡ଼ିକ ସେଥିପାଇଁ ଆଇନଗତ ଭାବରେ ଦାୟୀ ରହିବେ ବୋଲି ସେମାନଙ୍କ ଉପରେ ଦାୟିତ୍ୱକୁ ଛାଡ଼ିଛି । ଗୋଟିଏ ପଟେ ଚୀନ୍ ଉନ୍ନତ ଏଆଇ ପ୍ରଯୁକ୍ତି ଉପରେ ଆପାତତଃ ପୂର୍ବ- ସର୍ତ୍ତାବଳୀ ଲାଗୁ କରିବା ଭଳି ଆଇନଗୁଡ଼ିକ ପ୍ରଣୟନ କରିଥିବା ବେଳେ ଇୟୁ ଏକ ଭିନ୍ନ ଆଭିମୁଖ୍ୟ ଆପଣାଇଛି । ଏହାର ପ୍ରସ୍ତାବିତ ନୂଆ ଆଇନ ଏକ କମ୍ବଳ (ବ୍ଲାଙ୍କେଟ୍) ଆଇନ ବା ଆଚ୍ଛାଦନକାରୀ ଆଇନ ହେବାକୁ ଯାଉଥିବା ବେଳେ ଏହା ଏଆଇକୁ ତିନିଗୋଟି ବର୍ଗରେ ବିଭକ୍ତ କରିବ: ଗ୍ରହଣୀୟ; ବିପକିନ୍ତୁ ନିୟମ କାନୁନ୍ ସହିତ ଗ୍ରହଣୀୟ ; ଏବଂ ଏତେ ବିପଯେ ଏହାକୁ ନିଷିଦ୍ଧ କରାଯିବା ଉଚିତ । ଭାରତ ସରକାର କିନ୍ତୁ ଅନ୍ୟ ପକ୍ଷରେ ଗତ ଏପ୍ରିଲ ମାସରେ ସଂସଦକୁ ଜଣାଇଛନ୍ତି ଯେ ଏଆଇ ଉପରେ ଏହାଙ୍କର କୌଣସି ପ୍ରକାରର ଲଗାମ୍ କଷିବାର ଯୋଜନା ନାହିଁ, ଯାହାକୁ ସରକାର ଅର୍ଥନୀତିକ ଅଭିବୃଦ୍ଧି ଏବଂ ଉଦ୍ୟୋଗିତା ପାଇଁ ଏକ ଇଞ୍ଜିନ୍ ଭାବରେ ଉଲ୍ଲେଖ କରିଛନ୍ତି । ତେବେ ଏପରି ଆତ୍ମସନ୍ତୁଷ୍ଟି ଅଦୂରଦର୍ଶିତାର ପରିଚାୟକ ହୋଇପାରେ । ନବଉଦ୍ଭାବନକୁ ପ୍ରୋତ୍ସାହନ ଦିଆଯିବା ସର୍ବାଦୌ ଆବଶ୍ୟକ । ପରନ୍ତୁ, ଏହାକୁ ନିୟନ୍ତ୍ରଣ କରିବାକୁ ଉପଯୁକ୍ତ ଆଇନ୍ କାନୁନ୍ ପ୍ରସ୍ତୁତ କରା ନଗଲେ ଭାରତ ଭଳି ଏକ ଦେଶରେ ଏହାର ଦୁରୁପଯୋଗ ହେବାର ଅନେକ ସମ୍ଭାବନା ରହିବ, କାରଣ ଏଠାରେ କେବଳ ଗଭୀର ପ୍ରଯୁକ୍ତିଗତ ଅନ୍ତର ନାହିଁ, ରହିଛି ମଧ୍ୟ ଗଭୀର ଧ୍ରୁବୀକରଣ ଏବଂ ଏକ ଗଣମାଧ୍ୟମ ଦୃଶ୍ୟପଟ, ଯାହାର ଅଧିକାଂଶ ଭାଗ କାହା ପାଇଁ କୌଣସି ପ୍ରକାରର ଉତ୍ତରଦାୟିତ୍ୱ ଆଉ ରଖିନାହିଁ । କାଲିକୁ ଯେ ଏଇ ପ୍ରଯୁକ୍ତ ଦେଶରେ କୌଣସି ପ୍ରକାରର ନିୟନ୍ତ୍ରଣ ବାହାରକୁ ଚାଲିଯିବା ଭଳି ପରିସ୍ଥିତି ସୃଷ୍ଟି ନ କରିବ-ଯେମିତିକି ଅର୍ଥନୀତିକ ସଂକଟ, ଦଙ୍ଗା ସୃଷ୍ଟି କରିବା ବା ରାଜନୀତିକ ଜାଲିଆତିକୁ ସକ୍ଷମ କରାଇବା ଭଳି ପରିସ୍ଥିତି- ତାହା କହିହେବ ନାହିଁ । ଏମିତିରେ ଭାରତୀୟ ଗଣତନ୍ତ୍ର ଯଥେଷ୍ଟ ଚାପ ଭିତରେ ଅଛି । ତେଣୁ ଏକ ପୂର୍ବାନୁମାନ କରି ହେଉ ନଥିବା ପ୍ରଯୁକ୍ତିର ଦାଉକୁ ସମ୍ଭାଳିବା ପାଇଁ ବେଳ ଥାଉଁ ଥାଉଁ ହୁସିଆର ହେବା ବିଜ୍ଞତାର ପରିଚାୟକ ହେବ ।

## ଗୋ ସମ୍ପଦର ସୁରକ୍ଷା ଲୋଡ଼ା

### ବିପ୍ଳବ



ଭାରତ ଗୋଟିଏ କୃଷି ପ୍ରଧାନ ଦେଶ । ଏହାର ଅର୍ଥନୀତି ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ । କୃଷି ଭିତ୍ତିକ ଅର୍ଥନୀତି କଥା ଆଲୋଚନା କଲାବେଳେ ଗୋ ସମ୍ପଦର ଅବଦାନକୁ ସ୍ୱୀକାର କରିବାକୁ ହେବ । କିଛି ବର୍ଷ ପଛକୁ ଫେରିଗଲେ ଗୋ ସମ୍ପଦ ଉପରେ ଭାରତୀୟ କୃଷି ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିଲା । ବିଲରେ ହଳ କରିବା, ଟେଳା ଭାଙ୍ଗିବା ବା ସମତଳ ପାଇଁ ମଇ ଭିଡିବା, ଧାନରୁଆ ପରେ ବିହୁଡିବା, ବିଲରୁ ଖଳାକୁ ଶଗଡ଼ରେ ବୁହାଇବା, ଧାନ ବିରି ପ୍ରଭୃତି ବେଙ୍ଗଳା କରିବା, ଅମଳ ଫସଲକୁ ବଜାରକୁ ନେବା, ବଳକା ଶସ୍ୟକୁ ଘରକୁ ଆଣି ସଂରକ୍ଷଣ କରିବା ଇତ୍ୟାଦି ପ୍ରତ୍ୟେକ କାର୍ଯ୍ୟରେ ଶଗଡ ବଳଦର ଆବଶ୍ୟକତା ହିଁ ରହୁଥିଲା । ଏପରିକି ବିବାହ ଆଦି ଶୁଭ କାର୍ଯ୍ୟରେ ଝିଅ ବିଦା ହେବା ପାଇଁ ଶଗଡ଼ବଳଦ ଉପରେ ମଣିଷ ନିର୍ଭରଶୀଳ ଥିଲା ।

ଧାର୍ମିକ ଦୃଷ୍ଟି କୋଣରୁ ଆମ ଦେଶରେ ଗୋ ସମ୍ପଦର ଗୁରୁତ୍ୱ କେଉଁ ଅନାଦି କାଳରୁ ରହିଆସିଛି । ଗୋ ମାତା ଆମ ହିନ୍ଦୁ ସଂସ୍କୃତିର ମୂଳ ଆଧାର । ତା'ର ସେବା ଦ୍ୱାରା ସିଦ୍ଧିପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏପରିକି ଗୋ ମାତାର ଚାରିଖୁରାରେ ଧର୍ମ, ଅର୍ଥ, କାମ, ମୋକ୍ଷ ରହିଥାଏ ବୋଲି ହିନ୍ଦୁମାନଙ୍କର ଦୃଢ଼ ବିଶ୍ୱାସ । ଗୋ ମାତା ଯଦି ଘର ଭିତରେ ଥରେ ବୁଲି ଆସେ ତେବେ ସମସ୍ତ ଅଶୁଭ ତଥା ନକରାତ୍ମକ ଶକ୍ତିର ବିନାଶ ଘଟିଥାଏ । କେବଳ କୃଷି କ୍ଷେତ୍ର ବା ଆଧାତ୍ମିକ ଦୃଷ୍ଟିକୋଣରୁ ନୁହେଁ ମଣିଷ ସମାଜ ପାଇଁ ବିଭିନ୍ନ କାରଣରୁ ଗୋ ସମ୍ପଦର ଆବଶ୍ୟକତା ରହିଛି । ଅଧିକାଂଶ ସରକାରୀ ଚିକିତ୍ସାଳୟରେ ପାଉଁରୁଟି ସହିତ ଦିଆଯାଉଥିବା ତରଳ ପାନୀୟ ହେଉଛି ଗୋ ରସ ବା କ୍ଷୀର, ଯାହା ଶିଶୁ ଓ ରୋଗୀମାନଙ୍କ ପାଇଁ ଅମୃତ ତୁଲ୍ୟ । ପ୍ରସବ ସମୟରେ ମା'କୁ ହରେଇଥିବା ଅବୋଧ ଶିଶୁର ବଞ୍ଚିବାର ଏକମାତ୍ର ବିକଳ୍ପ ଗାଇ କ୍ଷୀର କହିଲେ ଅତ୍ୟୁକ୍ତି ହେବନାହିଁ । ସେଥିପାଇଁ ବୋଧ ହୁଏ ପ୍ରତିଟି ହିନ୍ଦୁ ପରିବାର ସହିତ ଗୋ ମାତା ଜଡିତ । କୃଷି ଉପରେ ନିର୍ଭରଶୀଳ ଅଧିକାଂଶ ପରିବାର ଚାଷ ଉଦ୍ଦ୍ୟେଶରେ ବଳଦ ଓ କ୍ଷୀର ଉଦ୍ଦ୍ୟେଶରେ ଗାଇ ପାଳନ କରୁଥିଲେ । ଗୋ ମାତାର ଦର୍ଶନରେ ସକଳ ଶୁଭ ହୁଏ ବୋଲି ଗୃହର ପ୍ରବେଶ ପଥରେ ପ୍ରଥମେ ଗୁହାଳ ରଖାଯାଉଥିଲା । ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ସ୍ୱୟଂ ଗୋପାଳ ଅବତାର ନେଇ ଗୋ ମହିମାର ପ୍ରଚାର କରିଥିଲେ । ବୈଦିକ କାଳରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏ ମାନବ ସମାଜ ମୁଖ୍ୟତଃ କୃଷି ଓ ଗୋପାଳନ ଉପରେ ନିର୍ଭରଶୀଳ ହୋଇ ନିଜର ଜୀବନ ଓ ଜୀବିକା ନିର୍ବାହ କରିଆସୁଛି । ସେଥିପାଇଁ ହିନ୍ଦୁ ଧର୍ମରେ ଶ୍ରାବଣ ପୂର୍ଣ୍ଣିମା ଦିନ ପ୍ରଭୁ ବଳରାମଙ୍କ ପୂଜା ସହିତ ଗୋ ମାତାର ପୂଜା ବିଧି ମଧ୍ୟ ରହିଛି । ସେଦିନ ଗାଇଗୋରୁମାନଙ୍କୁ ଜଳରେ ଗାଧୋଇ ଦିଆଯାଇ ଫୁଲ ଚନ୍ଦନ ଦେଇ ପିଠାପଣା ସହିତ ପୂଜାର୍ଚ୍ଚନା କରାଯାଇଥାଏ ।

ଗାଇ ବା ବଳଦ ପୃଥିବୀର ଏକମାତ୍ର ପଶୁ ଯାହାର ମଳ ବା ଗୋବରକୁ ପବିତ୍ର ମନେକରାଯାଇ ସମସ୍ତ ଧର୍ମୀୟ କାର୍ଯ୍ୟରେ ହିନ୍ଦୁମାନେ ବ୍ୟବହାର କରିଥାନ୍ତି । ଗୋବରକୁ ଶୁଖାଇ ଘସି କରି ଜାଳେଣି ରୂପେ ମଧ୍ୟ ବ୍ୟବହାର କରିଥାନ୍ତି । ସର୍ବୋପରି ଗୋବର ହେଉଛି ପୃଥିବୀର ଉତ୍କୃଷ୍ଟ ଜୈବିକ ସାର ଯାହା ସମଗ୍ର ବିଶ୍ୱର କୃଷିକ୍ଷେତ୍ର ପାଇଁ ଅପରିହାର୍ଯ୍ୟ । ଏ ସବୁ ବାଦ୍ ଗୋ ମାତା ସମ୍ପର୍କିତ ଦୁଇଟି ଚର୍ଚ୍ଚିତ ଖବର ଆମ୍ଭମାନଙ୍କୁ ଗୋ ସମ୍ପଦର ଆବଶ୍ୟକତା ଓ ସୁରକ୍ଷା ବିଷୟରେ ଭାବିବାକୁ ବାଧ୍ୟ କରିବ । ତିନି ଚାରିମାସ ତଳେ ଛତିଶଗଡ ଆମଖୋରାବ ଗାଁର ଖବରଟିଏ ଭାଇରାଲ୍ ହୋଇଥିଲା । ଯାହାର ଶୀର୍ଷକ ଥିଲା 'ଗୋବର ବିକ୍ରିରୁ ଡାକ୍ତର ।' ଘଟଣାଟି ଏମିତି । ଛତିଶଗଡର ଭୂପେଶ ବାଘେଲା ସରକାରଙ୍କ 'ଗୋଧନ ନ୍ୟାୟ' ଯୋଜନାରେ ଚାଷୀ ସନ୍ତୋଷ ସିଂହ ଚାଳିଶିଟି ଗୋପାଳନ କରି ଗୋବର ବିକ୍ରି କରିଥିଲେ ଏବଂ ସେଥିରୁ ତିନି ଲକ୍ଷ ପଚିଶ ହଜାର ଟଙ୍କା ଲାଭ ପାଇଥିଲେ । ତାଙ୍କ ପୁଅ ଆଲୋକ ସିଂହ ଦ୍ୱାଦଶ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ଡାକ୍ତରୀ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହେଲେ । ଆଉ ଗୋବର ବିକ୍ରିରୁ ଲବ୍ଧ ଅର୍ଥ ତାଙ୍କୁ ଏଥିରେ ସାହାଯ୍ୟ କରିଥିଲା । ମୁଖ୍ୟମନ୍ତ୍ରୀ ଭୂପେଷ ବାଘେଲା ନିଜେ ଫୋନ୍ କରି ଶୁଭେଚ୍ଛା ଜଣାଇବା ପରେ ଖବରଟି ଭାଇରାଲ୍ ହୋଇଥିଲା ।

କୃଷି କ୍ଷେତ୍ରରେ ହଳ ପାଇଁ ବଳଦ ଯେମିତି ଆବଶ୍ୟକ ସେମିତି ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ଗୋ ମାତା କ୍ଷୀରର ଯଥେଷ୍ଟ ଆବଶ୍ୟକତା ରହିଛି । କ୍ଷୀରକୁ ନେଇ ଅନେକ ବାଣିଜ୍ୟ ବ୍ୟବସାୟ ଗଢ଼ି ଉଠିଛି । ଛେନା, ଦହି, ଘିଅ, ପନିର୍ ପ୍ରଭୃତି ପ୍ରସ୍ତୁତିରେ ଯେଉଁ କଞ୍ଚାମାଲ୍ ଆବଶ୍ୟକତା ରହିଛି ତାହା ହେଲା କ୍ଷୀର । ଏହି କ୍ଷୀର ସିଂହଭାଗ ଉତ୍ପାଦିତ ହୋଇଥାଏ ଗୋ ମାତାଠାରୁ । ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ । ଗାଇ ଗୋବରକୁ ନେଇ ଏବେ ଯେଉଁ ଖବରଟି ଚହଳ ପକାଇଛି ତାହା ହେଲା ଗୋବରରୁ ପ୍ରସ୍ତୁତ ରଙ୍ଗ । ଆଉ ଏହା ସମ୍ଭବ ହୋଇଛି ଆମ ଓଡ଼ିଶା ବରଗଡରେ । ଝାଡଖଣ୍ଡ ଝିଅ ତଥା ଓଡ଼ିଶା ବୋହୂ ଦୁର୍ଗା ପ୍ରିୟଦର୍ଶିନୀ ଜଣେ ଯୁବ ଉଦ୍ୟୋଗୀ । ଗୋବରରୁ ରଙ୍ଗ ପ୍ରସ୍ତୁତ କରି ଏବେ ସର୍ବଭାରତୀୟ ସ୍ତରରେ ଚର୍ଚ୍ଚିତ । ଆମ୍ଭେମାନେ ଗୋବରରୁ ଖତସାର ଏବଂ ବାୟୋଗ୍ୟାସ୍ ପ୍ଲାଣ୍ଟ୍ ପ୍ରସ୍ତୁତି କଥା ଜାଣିଥିଲେ । ମାତ୍ର ଗୋବରକୁ ନେଇ ଗୋଟିଏ ରଙ୍ଗ କାରଖାନା କରାଯାଇ ପାରିବ ଏବଂ ସେଥିରେ ଶହ ଶହ ଲୋକ ନିଯୁକ୍ତି ପାଇବେ, ଏହା ଆମ ପାଇଁ ପ୍ରେରଣା ଦାୟୀ ଖବର ନିଶ୍ଚୟ । ବରଗଡ଼ର ଭେଡେନ୍‌ରେ ରହିଥିବା ଏହି ରଙ୍ଗ କାରଖାନାର ରଙ୍ଗ ଓଡ଼ିଶାର ସୀମାସରହଦ ଟପି ତେଲେଙ୍ଗାନା, ବାଙ୍ଗାଲୋର, ଗୁଜୁରାଟ, ଛତିଶଗଡ଼ ଓ ଦିଲ୍ଲୀରେ ତାହାର କାୟା ବିସ୍ତାର କରିପାରିଛି । କିଲୋ ପ୍ରତି ପାଞ୍ଚଟଙ୍କାରେ କିଣାଯାଉଥିବା ଗୋବରରୁ ଯେ ନିରାପଦ ଆଉ ସୁବାସିତ ରଙ୍ଗ ପ୍ରସ୍ତୁତି ହେବା ସତରେ ଆଶ୍ଚର୍ଯ୍ୟ ଜନକ ନୁହେଁ କି ? ରଙ୍ଗଗୁଡ଼ିକ ଗୋବରରୁ ପ୍ରସ୍ତୁତ ହୋଇଥିବାରୁ ଏହା ଜୈବିକ ଓ କ୍ଷତିକାରକ ନୁହେଁ । ଏଥିରୁ ଗୋପାଳକମାନେ ଉତ୍ସାହିତ ହେବା ସହିତ ଲାଭବାନ ବି ହୋଇପାରିବେ । ଚାଷ ପାଇଁ ଅନୁପଯୁକ୍ତ ବଳଦ, କ୍ଷୀର ପାଇଁ ଅନୁପଯୁକ୍ତ ହୋଇଯାଇଥିବା ଗାଇମାନଙ୍କୁ ବାହାରେ ଛାଡି ନଦେଇ ବା କଂସେଇ ହାତରେ ଟେକି ନଦେଇ ଗୋବର ଉଦ୍ଦ୍ୟେଶରେ ପାଳନ କରାଯାଇ ପାରିବ ।

ଯେଉଁ ଦେଶରେ ଗୋ'କୁ ମାତା ରୂପରେ ପୂଜା କରାଯାଏ, ଯାହାର କ୍ଷୀରକୁ ମା'କ୍ଷୀରର ବିକଳ୍ପ ରୂପେ ବିଚାର କରାଯାଏ ସେଠି ସଭ୍ୟ ବୋଲାଉଥିବା ବ୍ୟକ୍ତିଟିଏ ଗୋମାତାକୁ ହଟେଇ କୁକୁରଟିଏ ଧରି ବୁଲି ନିଜକୁ ସମ୍ଭ୍ରାନ୍ତ ବୋଲାଉଛି । ମୁକ ଜୀବପ୍ରତି ଦୟା ପ୍ରଦର୍ଶନ କରିବା ଏକ ସୁନ୍ଦର ମାନବୀୟ ଗୁଣ । ମାତ୍ର ଗୋ ମାତାର ବିକଳ୍ପ କଦାପି କୁକୁର ହୋଇପାରିବନି । ଗୋ ସେବା ପ୍ରତି ଉଦାସୀନ ମଣିଷ ପାଇଁ ଆଜି ଗୋ ମାତାର ହତ୍ୟା ଭୟଙ୍କର ଭାବରେ ବୃଦ୍ଧି ପାଉଛି । ମୁଖ୍ୟତଃ ମାଂସର ଚାହିଦା ପୂରଣ କରିବା ପାଇଁ ପ୍ରତିଦିନ ଶହ ଶହ ଗାଇଗୋରୁଙ୍କୁ ଭାରତରୁ ବାଂଲାଦେଶକୁ ଚାଲାଣ କରାଯାଉଛି । ଆମ ଓଡ଼ିଶା ଏଥିରୁ ବାଦ୍ ପଡିନି । ଓଡ଼ିଶାର ବରଗଡ, ନବରଙ୍ଗପୁର, କେନ୍ଦୁଝର, କେନ୍ଦ୍ରାପଡା, ମୟୂରଭଞ୍ଜ, କଳାହାଣ୍ଡି ଆଉ ଖୋର୍ଦ୍ଧା ଜିଲ୍ଲାରୁ ନିୟମିତ ଭାବରେ କଣ୍ଟେନର୍ ସାହାଯ୍ୟରେ ଗୋ ଚାଲାଣ କରାଯାଉଛି । ଲାଞ୍ଚଖୋର୍ ପୋଲିସ୍ ଅଧିକାରୀ ଆଉ ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା ଏଥିପାଇଁ ଦାୟୀ । ଗୋ ଚାଲାଣ ରୋକିବା ପାଇଁ ଚେଷ୍ଟା କରୁଥିବା ଗୋ ରକ୍ଷକମାନଙ୍କୁ ବେଳେ ବେଳେ ଗୋ ମାଫିଆମାନେ ଆକ୍ରମଣ କରି ଜୀବନରେ ମାରିଦେବା ପରି ଦୁଃଖଦ ଖବର ଶୁଣିବାକୁ ମିଳୁଛି । ଏପରିକି ବେଳେ ବେଳେ ପୋଲିସ୍ ଲାଞ୍ଚ ଖାଇ ଗୋରକ୍ଷକ ନାମରେ ମିଥ୍ୟା ମୋକଦ୍ଦମା କରି ହଇରାଣ କରୁଥିବାର ଅଭିଯୋଗ ହୁଏ ।

ଚଳିତ ବର୍ଷ ଜାନୁୟାରୀ ମାସରେ ଗୋଚାଲାଣ ସଂପର୍କିତ ଏକ ମାମଲାର ବିଚାର କରି ଗୁଜୁରାଟ ଜିଲ୍ଲାଜଜ୍ ସମୀର ବିନୋଦଚନ୍ଦ୍ର ବ୍ୟାସ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ ସହିତ ଜଣଙ୍କ ପାଇଁ ପାଞ୍ଚଲକ୍ଷ ଟଙ୍କା ଜୋରିମାନା କରିଥିଲେ । ତାଙ୍କ ରାୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା ଯେ ପୃଥିବୀ ପୃଷ୍ଠରେ ଗୋ ରକ୍ତ ପଡିବା ଦ୍ୱାରା ନାନା ସମସ୍ୟା ଦେଖାଯାଉଛି । ଆଉ ଏହି ବେଆଇନ୍ ଗୋ ହତ୍ୟା ବନ୍ଦ ହୋଇଗଲେ ଅଧିକାଂଶ ସମସ୍ୟାର ସମାଧାନ ଆପେ ଆପେ ହୋଇଯିବ । ଆଇନ୍‌ର ବ୍ୟବସ୍ଥା ଭିତରେ ଜଣେ ବିଚାରପତିଙ୍କର ଏପରି ବୟାନ ଭାବପ୍ରବଣତା ହୋଇପାରେ । ମାତ୍ର ଏକଥା ସତ୍ୟଯେ ମଣିଷ ଜୀବନରେ ଗୋ ସମ୍ପଦର ଭୂମିକା କେବେହେଲେ ଗୌଣ ହୋଇଯିବ ନାହିଁ । ଯେତେବେଳେ ମଣିଷ ସମାଜ ପାଇଁ ଜନନୀ, ଜନ୍ମଭୂମି ଏବଂ ଗୋମାତା ଅନାବଶ୍ୟକ ହୋଇଯିବ ସେତେବେଳେ ତା'ର ପତନ ଅବଶ୍ୟମ୍ଭାବୀ ।


ମକୁନ୍ଦପୁର,ବାଙ୍କୀ

ମୋ-୯୪୩୭୪୬୮୦୧୬


## ଶିକ୍ଷାନୀତି ଓ ମୂଲ୍ୟାଙ୍କନ

### ପ୍ରଣତି ଆଚାର୍ଯ୍ୟ ମିଶ୍ର



ଦେଶର ଭବିଷ୍ୟତ ଗଠନ ହୁଏ ଶିକ୍ଷାନୁଷ୍ଠାନମାନଙ୍କରେ । ସମାଜର ବିକାଶ ତଥା ରାଷ୍ଟ୍ରର ବିକାଶ ପାଇଁ ଶିକ୍ଷା ଅପରିହାର୍ଯ୍ୟ । କୁହାଯାଏ । ଶିକ୍ଷା ହେଉଛି ଏମିତି ଏକ ଅସ୍ତ୍ର ଯାହା ବିଶ୍ୱକୁ ପରିବର୍ତ୍ତନ କରିବା ସମର୍ଥ ରଖେ । ଥରେ ଚିନ୍ତା କରି ଦେଖନ୍ତୁ ବର୍ତ୍ତମାନର ଶିକ୍ଷା ରେ କଣ ଏପରି କିଛି ପରିଲକ୍ଷିତ ହୁଏ କି ? ପିଲା ଦିନେ ଥରେ ମୋ ନନା(ବାପା) ମୋତେ ପାଠ ପଢାଇଲା ବେଳେ କହିଥିଲେ ସେ, ପଢିଲା ସମୟରେ ଯଦି ତାଙ୍କ ଗୁରୁ ଗୋଟେ ଗୋଲ ବୁଲାଇ ତା ମଧ୍ୟରେ ଠିଆ ହୁଅ କହିବେ ତେବେ ସେ ସେଠାରେ ସେମିତି ଦିନ ହେଉ ବା ରାତି ଠିଆ ହୋଇଥିବେ ! ଯେତେ ପର୍ଯ୍ୟନ୍ତ ଗୁରୁ ତାଙ୍କର ସେଥିରୁ ନିବୃତ୍ତ ହେବାକୁ ନ କହିଛନ୍ତି । ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ... ଏହାର ପ୍ରକୃତ ଅର୍ଥ ବୁଝି ତାକୁ ପାଳନ କରିବା ଉଚିତ୍ ମଣୁଥିଲେ । ଗୁରୁମାନଙ୍କୁ ସମ୍ମାନାସ୍ପଦ ଭାବେ ଗ୍ରହଣ କରିବା ସେମାନଙ୍କ ମାନସିକତା ଥିଲା । ଶିକ୍ଷକ କେବଳ ପାଠ ପଢାଉ ନଥିଲେ ଚରିତ୍ର ଗଠନ ଓ ନୈତିକ ଚେତନାର ମୂଳଦୁଆ ଦମ୍ଭ କରୁଥିଲେ । ଶିକ୍ଷକମାନେ ଛାତ୍ର ମାନଙ୍କୁ ନିଜ ସନ୍ତାନ ପରି ଦେଖୁଥିଲେ । ମଣିଷ ଗଢିବା ବ୍ରତ ନେଇଥିଲେ ସେମାନେ । ଅନେକ ଶିକ୍ଷକ ନିଜ ଖର୍ଚ୍ଚରେ ନିଜ ଘରେ ପିଲାମାନଙ୍କୁ ରଖି ପଢ଼ାଉଥିଲେ । ସ୍ୱଳ୍ପ ସାଧନରେ ସାଧନା ପରି ଥିଲା ସେବେର ପାଠପଢା । ଜନ ସମାଜର ଛବି ସରଳ, ନିଷ୍କପଟ, ସ୍ନେହୀ, ମିତବ୍ୟୟି, ପରୋପକାରୀ, ବିନମ୍ର, ଶ୍ରଦ୍ଧା, ସମର୍ପଣ, ତ୍ୟାଗ, ଭଦ୍ର ଇତ୍ୟାଦି ଅନେକ ସୁଗୁଣର ଅଧିକାରୀ ଥିଲା । ଏକ ସୁନ୍ଦର ସୁସ୍ଥ ସମାଜର ଗଠନ ହେଉଥିଲା । ସେତେବେଳେ ଏତେଗୁଡିଏ ସ୍କୁଲ ନଥିଲା । ସହର ବା ବ୍ଲକରେ ଥିବା ସ୍କୁଲକୁ ଆଖ ପାଖର ଅନେକ ପିଲା ପଢିବାକୁ ଆସୁଥିଲେ । ଏକାଦଶ ଶ୍ରେଣୀର ଫଳାଫଳକୁ ସେମାନେ ଖବରକାଗଜରେ ପଢୁଥିଲେ । ଯେଉଁ ମାନେ ଫାଷ୍ଟ ଡିଭିଜନରେ ପାସ୍ କରୁଥିଲେ ସେମାନଙ୍କ ନାମ ଖବରକାଗଜରେ ବାହାରୁଥିଲା । ଏବେ ପ୍ରତି ଗାଁ ମାନଙ୍କରେ ସ୍କୁଲ । ସହର କଥାଛାଡ । ଛତୁଫୁଟିଲା ପରି ମାଳ ମାଳ ଶିକ୍ଷାଅନୁଷ୍ଠାନ । କିନ୍ତୁ ପିଲାଙ୍କ ସଂଖ୍ୟା ନକହିବା ଭଲ । ଗୋଟେ ଗୋଟେ ସ୍କୁଲରେ କେବଳ ଶିକ୍ଷକ ବା ଶିକ୍ଷୟିତ୍ରୀଙ୍କୁ ଦେଖିବାକୁ ମିଳେ । ତେଣୁ ବାଧ୍ୟ ହୋଇ ସରକାର ଏବେ ଅନେକ ସ୍ଥାନରେ ସ୍କୁଲକୁ ହଟାଇ ଦେଇଛନ୍ତି । ଏବେ ପିଲାମାନେ ପାଠ ପଢୁନାହାନ୍ତି ତା ନୁହେଁ । ସମସ୍ତେ ସରକାରୀ ବଦଳରେ ବେସରକାରୀ ସ୍କୁଲ ମୁହାଁ ।ପିଲାମାନେ ପ୍ରତ୍ୟେକ ବିଷୟରେ ଭଲ ମାର୍କ ରଖୁଛନ୍ତି । ତେଣୁ ଦିନକୁ ଦିନ ପିଲାଙ୍କ ପ୍ରଦର୍ଶନ ଆଶାନୁରୂପରୁ ଅଧିକ ହେବାକୁ ଲାଗିଛି । ତାହେଲେ ବୋଧହୁଏ ପିଲାମାନେ ଅଧିକ ପ୍ରରିଶ୍ରମ କରୁଛନ୍ତି । ତେବେ ଏଠାରେ ମନରେ ଗୋଟେ ପ୍ରଶ୍ନ ଉଠେ ସବୁଯଦି ଭଲ ତେବେ ଏତେ ଜାଲି ସାର୍ଟିଫିକେଟ ଏତେ ନକଲି ଔଷଧ ନକଲି ଡାକ୍ତର ନକଲି ଶିକ୍ଷକ ଇତ୍ୟାଦି ଇତ୍ୟାଦି । ଅନେକ ଅନୈତିକ କାର୍ଯ୍ୟ ରେ ଆଜିର ଯୁବପିଢ଼ି ଲିପ୍ତ । ଏସବୁ କରୁଛି କିଏ ? ଜଣେ ଅଶିକ୍ଷିତ ବ୍ୟକ୍ତି ତ ଏପରି କାର୍ଯ୍ୟ କରିପାରିବନି । ତେବେ ଆଜିର ଶିକ୍ଷା ଓ ଶିକ୍ଷାନୀତି ଏଥିପାଇଁ ଦାୟୀ ନୁହେଁ ତ ? ଆମ ବାପା ଜେଜେ ଅଧିକ ପାଠ ପଢିନଥିଲେ କିନ୍ତୁ ପୋଥି ପୁରାଣ ସବୁ ତାଙ୍କର ମୁଖସ୍ଥ ହୋଇଥିଲା । ଜୀବନର ଶେଷ ମୁହୂର୍ତ୍ତ ଯାଏଁ ମଧ୍ୟ ସେ ଭୁଲିନଥିଲେ ।କେହି କେହି ପାଠ ନପଢି ମଧ୍ୟ ପଣ୍ଡିତ ବୋଲାଉଥିଲେ । ଆମ ଗାଁର ଆନନ୍ଦ କକେଇ, ଜଣେ ପ୍ରାଇମେରୀ ସ୍କୁଲରେ ଶିକ୍ଷକ । କିଛି ଦିନ ହେଲା ଅବସର ନେଇଛନ୍ତି ଛୋଟ ପିଲାମାନଙ୍କୁ ପାଖରେ ବସାଇ ପଣକିଆ ଓ ସାଧାରଣଜ୍ଞାନ ସବୁବଳେ କହୁଥିବେ । ଦିନେ ସେ ସମୟରେ ଏବେ ଏବେ ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖି ପାସ୍ କରିଥିବା ଜଣକୁ ଗୋଟେ ପ୍ରଶ୍ନ ପଚାରିଲେ । ତାର ଉତ୍ତର ସେ ଦେଇ ନପାରି କହିଲା, ମୁଁ ଏଗୁଡିକ ପିଲା ଦିନେ ପଢିଥିଲି । ଏବେ ମନେ ନାହିଁ । ଏ ହେଲା ଆଜିର ଭଲ ମାର୍କ ରଖିଥିବା ଶିକ୍ଷିତ ପିଲାଙ୍କ କଥା । ତାହେଲେ ବର୍ତ୍ତମାନର ଶିକ୍ଷା ପୁସ୍ତକ କେନ୍ଦ୍ରିକ ହୋଇ ରହିଯାଇଛି କି? ଯେଉଁ ବର୍ଷ ପାଠ ସେ ବର୍ଷ ଶେଷ । ପରୀକ୍ଷା ସରିବା ପରେ ଆଗାମୀ ବର୍ଷକୁ ମନେ ରୁହେନି । ଆଜିର ପିଲାମାନେ ଅଧିକ ନମ୍ବର ପଛରେ ଧାଇଁ ଭୁଲିଯାଇଛନ୍ତି ପାଠର ଗୁଣାତ୍ମକ ମାନ । ଶିକ୍ଷାର ନୈତିକ ଗୁଣକୁ ଭୁଲି ମାର୍କ ପଛରେ ସମସ୍ତେ ବାଇ ।କିପରି ଅଧିକ ନମ୍ବର ରହିବ ସେଥିପ୍ରତି ଅହେତୁକ ଚେଷ୍ଟା । ଶିକ୍ଷକ ମାନେ ନିଜ ନିଜ ସ୍କୁଲର ପାସ୍ ହାର ନେଇ ଗର୍ବିତ । ପିଲାମାନେ ନିଜ ସଫଳତାକୁ ନେଇ ଗର୍ବିତ । ସରକାର ଦେଶର ବଢୁଥିବା ଶିକ୍ଷିତ ହାରକୁ ନେଇ ଗର୍ବିତ । ପରସ୍ପର ମଧ୍ୟରେ ପ୍ରତିଯୋଗିତା କରି ସମସ୍ତେ ଶିକ୍ଷାର ମୂଲ୍ୟ, ମୂଲ୍ୟବୋଧ ଗୁଣାତ୍ମକ ମାନକୁ ଭୁଲିଯାଉଛେ କି ?


ନୟାଗଡ଼

ମୋ: ୯୪୩୭୬୪୨୯୪୭





## ରାତିର ଆଗମନେ

### ଜଗଦୀଶ ପଣ୍ଡା



ତିମିର ଅନ୍ଧାର ସାଥେ ନେଇ ଆସେ
ନିଛାଟିଆ କାଳ ରାତ୍ରି
ସୁରୁଜ ଲୁଚାଇ ତିମିର ବିଛାଇ
କରେ ଅନ୍ଧାର ଧରିତ୍ରୀ ।

ଜାଜ୍ୱଲ୍ୟ ତାରାକୁ ସାଥେ ନେଇ ରାତି
ଆସେ ସେ ଧରାପୃଷ୍ଠକୁ
ଆକାଶ ଛାତିରେ ସଜାଇ ଦେଇ ସେ
ନାଶ କରେ ଅନ୍ଧାରକୁ ।

ସାରା ଗଗନରେ ଖେଳାଇ ତିମିର
ବୃଷ୍ଟି କରାଏ ଶୀତଳ
ଯେପରି ବାରିଧି ଗୁଳ୍ମ ଦୂର କରେ
ବୃଷ୍ଟି କରି ତୃଷ୍ଣା ଜଳ ।

ଏକା ଆସେ ନାହିଁ ଆଣେ ସେ
ସାଥିରେ
ମୃଦୁ ମଧୁର ସପନ
ଆଖିରେ ବୁଣାଇ ସ୍ୱପ୍ନ ପରିମାଣ
ନୟନେ ଦେଇ ଚୁମ୍ବନ ।

ବସନ୍ତ ରାତିରେ ପୋଖରୀ କୂଳରେ
ଖେଳେ କୁଆଁ ସୌଦାମିନୀ
ପୂର୍ଣ୍ଣିମା ଚାନ୍ଦର ଜ୍ୟୋସ୍ନା ଜଳେ ପଡ଼ି
ସିଅଁରି ଉଠେ ତଟିନୀ ।

ମୃଦୁ ମୃଦୁ ଲାଜେ ଚହଲି ଜହ୍ନଟି
ବିକିରଣ କରେ ଜ୍ୟୋସ୍ନା
ଦିନର ଗୁଳ୍ମକୁ କ୍ଷଣେ ଦୂର କରି
ବୁଣିଦିଏ ମିଠା ତୃଷ୍ଣା ।


ଅଲାଡିଗାଁ, ଗଂଜାମ


## କାଳିଆରେ...

### ଚିତ୍ରାରାଣୀ ପାତ୍ର

ଛୋଟାଟିଏ ବୋଲି ପଡ଼ିଛି କାଳିଆ
ତୋହରି ବଡ଼ ଦାଣ୍ଡରେ,
ଯାଇ ପାରୁନାହିଁ ଦେଇ ପାରୁନାହିଁ
ତୋତେ କିଛି କାଳିଆରେ ।

ଭାବରେ ଭାବରେ ଗୁ ନ୍ଥିଛି ମାଳାମୁଁ
ନାନା ବାସ ରଙ୍ଗ ଫୁଲେ,
ପିନ୍ଧାଇ ଦେଇଛି ତୋ'ଗଳାରେ ନେଇ
ଦେଖୁଛି ଭାବ ଚକ୍ଷୁରେ ।

କେତେ ଦୂରେ ଯାଇ ତୋଳିମୁଁ ଆଣିଛି
ଫଳ ଆଉ କୋଳି କେତେ,
ସବୁକୁ ସଜାଇ ବାଢ଼ି ମୁଁ ଦେଇଛି
ଅତି ଯତନରେ ତୋତେ ।

ତୁଳସୀ ପତର ଦେବାକୁ ଭୁଲିନି
ନିତି ପଡେ ଭୋଗ ରାଗେ,
ଖାଉଛୁକି ନାହିଁ କହରେ କାଳିଆ
ଦେଉଛି ସିନା ସରାଗେ ।

ତୋ' ବଡ଼ ସିଂହାର ବେଶ ମୁଁ ଦେଖିନି
ଶୁଣିଛି ଆନ ମୁଖରୁ,
ଆର ଜନମକୁ ଦେଖିବି ତୋତେରେ
କୃପା ରଖିଥିବୁ ପ୍ରଭୁ ।

ଭାବରେ ସିନାମୁଁ କହୁଛି ଏ ସବୁ
ତୋ' କାନେ ପଡେକି ନାହିଁ,
ନିତି ଦେଖୁଥାଏ ଫର ଫର ନେତ
ତୁହି ପରା ଭାବଗ୍ରାହୀ ।


ବାଲେଶ୍ୱର


## ଭିନ୍ନ ଏକ ଶୈଶବ

### ଶୁଭଦର୍ଶିନୀ ଦାଶ



ନୁଖୁରା ବାଳରେ ନାଲି ରିବନ
ଫୁଲଟା
ଶୁଖିଲା ପତ୍ର ଉପରେ ପଡ଼ିରହିଥିବା
ମଉଳା ମଳିନ ପଳାଶ ଫୁଲପରି
ଝୁଲୁଥାଏ ଚମକ ଶୂନ୍ୟ ହୋଇ
କାନ୍ଧରେ ବେସ ଲମ୍ବା ଏକ ଜଞ୍ଜାଳ
ବୋଝ
ନୁଆଁଇ ଦିଏ କାନ୍ଧକୁ ତାହାର
ସେଇଟାତ ଜରି ମୁଣି ନୁହେଁ
ସାକ୍ଷାତ ଗୋଟେ ମଣ୍ଡାଖିଆ ଅସୁର
ଯେତେ ପୁରାଇଦେଲେ ପେଟରେ
ନିକିତି ପଳାରେ କେବେ ବଢ଼େନାହିଁ
ଓଜନ ତାହାର
ଅଭାବ ଅଭାବରେ ତା ଜୀବନଟା ଛନ୍ଦା
ଜନ୍ମ ତାହାର ସହରୀ ଉଆସର ଅନ୍ତବସ୍ତ୍ର
ପରି
କଂକ୍ରିଟ ନାଳ ତଳେ ଲୁଚିଯାଉଥିବା
ଜରି ଛାତ ତଳେ
ଯୌବନ ତାର ମହକିତ ଅଳିଆ
ଗଦାର ବାସ୍ନାରେ
ଅନ୍ଦାଜ କିନ୍ତୁ ନିଆରା,
ନା ଭୟଭୀତ ସିଏ ଅନ୍ଧାର ରାତିରେ
ନା ତାକୁ ଡରାଇପାରେ ସୂର୍ଯ୍ୟର ତାତି
ହୁଗୁଳା ଚପଲ ହଳେ ପାଦରେ ନାଇ
ନିଇତି ସକାଳୁ ବାହାରିପଡ଼େ
କର୍ମର ଅତର ମାଖି
ଭାରି ମନଲୋଭା ସତେ
ତା କର୍ତ୍ତବ୍ୟର ରୂପକାନ୍ତି
ଝଲସି ଉଠୁଥାଏ ଜଞ୍ଜାଳ ଝାଳ ତାର
ସୂର୍ଯ୍ୟ କିରଣକୁ ଦେଖି ।


ଭୁବନେଶ୍ୱର

ମୋ: ୮୨୮୦୩୧୧୦୦୦


## ପ୍ରିୟତମା

### ଡଃ କିଶୋର ମହାନ୍ତି



ସ୍ୱପ୍ନବିତ୍ତ ସବୁକିଛି
ନିମିଷେ ଚିଆଁଏ, ନିମିଷେ ଭୁଲାଏ
ପ୍ରୀତି ଲଗ୍ନରେ
କୃଷ୍ଣଚୂଡ଼ାର ରଙ୍ଗରେ ରଙ୍ଗରେ
ଭିଜିବାର ଅତୃପ୍ତ ତୃଷ୍ଣା
ଥରେ ଆଙ୍ଗୁଳି ଧରି
ମୋ ସାଥେ ଚାଲନ୍ତନି ତମେ
ଫଗୁଣ ଲେଉଟି ଆସନ୍ତାନି ଆଉଥରେ
ସତରେ ଏ ମାୟାବିନୀ ରାତିଟା
ଫାଜିଲ
ଆ ଦୂରେ ମୁଁ ଦେଖେ କେମିତି ଧୂମ୍ରାଭ
ଦିଗ୍‌ବଳୟରେ.. ଅସ୍ପଷ୍ଟ ଛବି
ମୁଁ ସତରେ ଅନ୍ଧ ହୋଇଯାଏ
ତେବେ ସେଇ ମହୁଲି ବଣରେ
ହଜିବା ଓ ଖୋଜିବାର ମୁହୂର୍ତ୍ତଟିକୁ
ସାଉଁଟେ
ତଥାପି ଏ ଅସରନ୍ତି ଅପେକ୍ଷା
ଏମିତି ବିତାଉଥିବି ସାରାରାତି ମୁଁ
ଅଭିଶପ୍ତ କୁମାର ଗନ୍ଧର୍ବ...
ଶାଳଫୁଲର ସହର ଝୁମୁଚି
ଏକଲା ମୁଁ
କେମିତି ନିଶାରେ ମୁଁ ମସଗୁଲ
ତୁମ କବିତାର ମୁଁ ଚିହ୍ନାରା ଗ୍ରାହକ
ତମ କଲମର ଶେଷତମ ଭାଷା
ତାକୁ ନିବିଡ଼ ଭାବେ ଆଶ୍ଳେସି ନେଲା
ପରେ ମୁଁ ବିକଳ
ଆକ୍ତା ମାକ୍ତା ହୁଏ... କେଜାଣି କାହିଁକି
ଏକନିଷ୍ଠ ସମର୍ପଣର ଭାବ
ମୁଁ ନିଜକୁ ଖୋଜେ ବାରମ୍ବାର, ତୃଷାର୍ତ୍ତ
ଓଠ ମୋର ନ ନିଶୋଷିଲା ଯାଏ
ମୁଁ କେବଳ ଚାହିଁ ରହେ ପ୍ରାପ୍ତିର
ମୁହୂର୍ତ୍ତକୁ
ଦେଖେ ମହାଶୂନ୍ୟ ଭିତରେ କିଏ ଡାକେ
କାହା ଇସାରାରେ ମୁଁ ଆକର୍ଷିତ ହୁଏ
ଏବେ କଣ ମୁଁ ପରାସ୍ତ, ନିରସ୍ତ୍ର ତା
ପାଖେ
ମୋ ଚେତନାରେ ଅବା ଚୈତ୍ତିସତ୍ତାରେ
ଅନୁଭବର ଶୂନ୍ୟଅସ୍ଥିରତା...


ମୋ: ୯୪୩୭୭୨୮୪୭୫

# ଟ୍ରୋଲର୍ସଙ୍କୁ ଦେଲେ କଡ଼ା ଜବାବ: ଆଗକୁ ଆହୁରି ମନ୍ଦିର ଯିବି ବୋଲି କହିଲେ ସାରା ଅଲ୍ଲୀ ଖାନ୍



ରିଲଜ ହେବାକୁ ଯାଉଛି ସାରା ଅଲ୍ଲୀ ଖାନ୍‌ଙ୍କ ଅଭିନୀତ ଚଳଚ୍ଚିତ୍ର 'ଜରା ହଟ୍‌କେ ଜରା ବଚ୍‌କେ'। ଏହି କାରଣରୁ ସାରା ଆଜିକାଲି ଚଳଚ୍ଚିତ୍ରର ପ୍ରମୋସନ ଦିଗରେ ବେଶ୍ ବ୍ୟସ୍ତ ରହୁଛନ୍ତି। ସାରାଙ୍କୁ ତାଙ୍କ ଫିଲ୍ମ ରିଲିଜ୍ ହେବା ପୂର୍ବରୁ ମନ୍ଦିରରେ ଦେଖିବାକୁ ମିଳିଛି। ସାରା ଉଜ୍ଜେନ୍‌ର ମହାକାଳେଶ୍ୱର ମନ୍ଦିରରେ ନଜର ଆସିଥିବା ବେଳେ ତାଙ୍କୁ ଖୁବ୍ ଟ୍ରୋଲ୍ କରାଯାଉଛି। ତେବେ ସାରା ଟ୍ରୋଲର୍ସମାନଙ୍କୁ କଡ଼ା ଜବାବ ବି ଦେଇଛନ୍ତି।ସେ ନିକଟରେ ଏକ ସାକ୍ଷାତ୍‌କାରରେ କହିଛନ୍ତି ଯେ ଲୋକଙ୍କ କଥା ତାଙ୍କ ପାଇଁ କିଛି ଗୁରୁତ୍ୱ ରଖେ ନାହିଁ। ମନ୍ଦିରରେ ଥିବା ସକାରାତ୍ମକ ପରିବେଶ ତାଙ୍କୁ ଖୁବ୍ ଭଲ ଲାଗେ। ସେ କହିଛନ୍ତି କି 'ମୁଁ ମୋର କାମକୁ ଖୁବ୍ ମନ ଦେଇ କରେ। ତାହାକୁ ଲୋକଙ୍କ ପାଇଁ କରେ। ଯଦି ସେହି କାମ ଲୋକଙ୍କୁ ପସନ୍ଦ ନଆସିଲା ମୋତେ ଖରାପ ଲାଗିବ। ହେଲେ ମନ୍ଦିର ଯିବା ମୋର ବ୍ୟକ୍ତିଗତ ପସନ୍ଦ। ଯାହାକୁ ଯାହା କହିବାର ଅଛି କୁହନ୍ତୁ। ମାତ୍ର ମୁଁ ମନ୍ଦିର ଆଗକୁ ବି ଯିବି।' ସାରାଙ୍କୁ ମହାକାଳେଶ୍ୱରଙ୍କ ଦୁଆରେ ଏକ ଗୋଲାପୀ ରଂଗର ପୋଷାକ ପିନ୍ଧି ଛିଡ଼ା ହୋଇଥିବାର ଦେଖିବାକୁ ମିଳିଛି। ସେ ମନ୍ଦିରରେ ଆରତୀ କରିବା ସହ ଜଳାଭିଷେକ ବି କରିଛନ୍ତି।

ସାରା ଫିଲ୍ମ 'ଜରା ହଟ୍‌କେ ଜରା ବଚ୍‌କେ'ରେ ଅଭିନେତା ଭିକି କୌଶଲଙ୍କ ସହ ନଜର ଆସିବେ। ଆପଣମାନେ ଏହାକୁ ଦେଖିବାକୁ ପ୍ରସ୍ତୁତ ହୋଇଯାଆନ୍ତୁ। କାରଣ ଫିଲ୍ମଟି ଆସନ୍ତାକାଲି ହିଁ ରିଲିଜ୍ ହେବ।

# ଜୁନ୍ ୩୦ରେ ଆସୁଛି ଭୂମିକାଙ୍କ ନୂଆ ସିନେମା



ଓଲିଉଡର ଲୋକପ୍ରିୟ ନାୟିକା ଭୂମିକା ଶିଶୁ କଳାକାର ଭାବେ ଅଭିନୟ ଜଗତରେ ପାଦ ରଖିଥିଲେ। ପ୍ରଥମ ଥର ପାଇଁ ଫିଲ୍ମ 'ତୁ ମୋ ଲଭଷ୍ଟୋରି'ରେ ନାୟିକା ଭାବରେ ନଜର ଆସିଥିବା ଭୂମିକାଙ୍କ ଅଭିନୟକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ ଦର୍ଶକ। ଏଥିରେ ସେ ନଜର ଆସିଥିଲେ ସ୍ୱରାଜଙ୍କ ସହ ନଜର ଆସିଥିଲେ। ଏହାପରେ ସେ ବାବୁସାନଙ୍କ ସହ ହିରୋ ନଂ୧, ଶ୍ରୀମାନ ସୁରଦାସ, ସ୍ୱରାଜଙ୍କ ସହ 'ତୁ ମୋ ଲଭଷ୍ଟୋରି୨', ରାକେଶଙ୍କ ସହ ମନ ମୋର କାଗଜଗୁଡ଼ି, ଅମ୍ଲାନଙ୍କ ବିପକ୍ଷରେ ମାୟାବୀ ଏବଂ ଜ୍ୟୋତିଙ୍କ ବିପକ୍ଷରେ ମନ ମୋ ନେଇଗଲୁରେ' ଆଦି ସିନେମାରେ ଦର୍ଶକଙ୍କ ସାମ୍ନାକୁ ଆସିଛନ୍ତି। ଭୂମିକା କିନ୍ତୁ କେବଳ ଓଡ଼ିଆ ସିନେମାରେ ନିଜକୁ ସୀମିତ ରଖିନାହାନ୍ତି। ଏବେ ଛତିଶଗଡ଼ି ସିନେମାରେ ବି କାମ କରିଛନ୍ତି। ଏହି ସିନେମା ଚଳିତ ମାସ ୩୦ ତାରିଖରେ ରିଲିଜ୍ ହେଉଥିବାର ଖବର ମିଳିଛି। ଏଠାରେ ଯେଉଁ ଛତିଶଗଡ଼ି ସିନେମା କଥା କୁହାଯାଉଛି, ତାର ଶୀର୍ଷକ ହେଲା 'ଜିରୋ ବନହି ହିରୋ'। ଏହି ଫିଲ୍ମରେ ଭୂମିକାଙ୍କୁ ନାୟିକା ଭୂମିକାରେ ଦେଖିବାକୁ ମିଳିବ। ଏଥିରେ ତାଙ୍କ ବିପକ୍ଷରେ ମନ କୁରେସୀଙ୍କୁ ନାୟକ ଭୂମିକାରେ ଦେଖିବାକୁ ମିଳିବ। ମନ ଛଲିଉଡର ଜଣେ ବ୍ୟସ୍ତ ନାୟକ। ସେ ଅନେକ ଛତିଶଗଡ଼ି ସିନେମାରେ କାମ କରିଛନ୍ତି। ମନ ଓ ଭୂମିକାଙ୍କ ବ୍ୟତୀତ କିଷାନ ସେନ, ପୁନମ୍ ସାହୁ, ଆର ମାଷ୍ଟର ଓ ପୁରନ ପଟେଲ୍ ପ୍ରମୁଖ ବି ଅଭିନୟ କରିଛନ୍ତି। ଗୋଲଡେନ୍ ଡ୍ରିମ୍ସ ପ୍ରଡକସନ୍ସ ବ୍ୟାନରରେ ନିର୍ମିତ 'ଜିରୋ ବନହି ହିରୋ'ର ପ୍ରଯୋଜନା ସାଙ୍ଗକୁ ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଭାରତୀ ବର୍ମା। ଫିଲ୍ମର ସମସ୍ତ ସୁଟିଂ ରାୟପୁରରେ କରାଯାଇଛି। ଏହା ତାଙ୍କର ପ୍ରଥମ ଛତିଶଗଡ଼ି ସିନେମା। ଏହି ଛତିଶଗଡ଼ି ସିନେମାକୁ ନେଇ ଭୂମିକା ବେଶ୍ ଉତ୍ସାହିତ ଅଛନ୍ତି। ସେ ଏହାର ରିଲିଜକୁ ବି ଉତ୍କଣ୍ଠାର ସହ ଅପେକ୍ଷାରେ ଅଛନ୍ତି।



# ଅବାସ୍ତବ ସୌନ୍ଦର୍ଯ୍ୟର ଦିନ ଗଲା

ଅଭିନେତ୍ରୀ ଡଲି ସିଂହ ସାମାଜିକ ଗଣମାଧ୍ୟମ 'ଇନ୍‌ଷ୍ଟାଗ୍ରାମ୍' ଜରିଆରେ ମହିଳାଙ୍କ ଉପରେ ଲଦି ଦିଆଯାଉଥିବା ସୌନ୍ଦର୍ଯ୍ୟର ଅବାସ୍ତବ ବୋଝ ବିରୋଧରେ ଏକପ୍ରକାର ଯୁଦ୍ଧ ଚଳାଇ ଆସିଛନ୍ତି। ନିକଟରେ ସେ କାନ୍‌ସ ଚଳଚ୍ଚିତ୍ର ମହୋତ୍ସବର ରେଡ୍ କାର୍ପେଟ୍‌ରେ ଚାଲିବାର ସୌଭାଗ୍ୟ ପାଇଥିଲେ। ଏହି ଅବସରରେ ସେ ପ୍ରକାଶ କରିଛନ୍ତି ଯେ ଆଜି ଆମେ ଅବାସ୍ତବ ସୌନ୍ଦର୍ଯ୍ୟର ଦିନକୁ ପଛରେ ଛାଡ଼ିଦେଇଛୁ। ଦିନ ଥିଲା ଯେବେ ଚଳଚ୍ଚିତ୍ରରେ ଅଭିନେତ୍ରୀମାନେ ସବୁ ସମୟରେ ସୁନ୍ଦର ଦିଶିବା, ରାତାରାତି ସେମାନଙ୍କ ତ୍ରୁଟି ବଢ଼ିଯିବା ଦେଖି ଡଲି ଆଶ୍ଚର୍ଯ୍ୟ ହେଉଥିଲେ। ପରେ ଅନୁଭବ କରିଥିଲେ ଯେ ସେସବୁ ଅସମ୍ଭବ। କିନ୍ତୁ ଅନେକ ଝିଅ ସିନେପରଦା ଓ ସୌନ୍ଦର୍ଯ୍ୟ ପତ୍ରିକା ଦେଖି ନିଜ ରୂପକୁ ନେଇ ଅସନ୍ତୁଷ୍ଟ ହୋଇପଡ଼ନ୍ତି। ଆଜି ଦିନରେ ଫଟୋ ଫିଲ୍‌ଟର୍ ନୂଆ ବାଧକ ସାଜିଛି। କିଛି ଝିଅ କେବଳ ଫିଲ୍‌ଟରରେ ନିଜ ରୂପକୁ ପସନ୍ଦ କରୁଛନ୍ତି। ଏଭଳି ଅଭ୍ୟାସ ପରିବାରର ଅନ୍ୟ ଝିଅମାନଙ୍କ ଉପରେ କୁପ୍ରଭାବ ପକାଉଥିବାରୁ ଏ ନେଇ ଆତ୍ମସମୀକ୍ଷା କରିବା ଉଚିତ ବୋଲି ଡଲି ଅହ୍ୱାନ କରିଛନ୍ତି। ଉଲ୍ଲେଖନୀୟ ଯେ, ଜଣେ ସେଲିବ୍ରିଟି ହୋଇଥିଲେ ବି ଡଲି ନିଜ ଫଟୋରେ ଫିଲ୍‌ଟର୍ ବ୍ୟବହାର କରନ୍ତି ନାହିଁ। ଆଜି ଅନେକ ଯୁବତୀ ନିଜ ଶରୀର ଓ ରୂପ ସହ ସନ୍ତୁଷ୍ଟ ଅଛନ୍ତି ବୋଲି ତାଙ୍କର ମତ। ତେବେ ଏ ଦିଗରେ ଆହୁରି ପ୍ରଗତିର ଅବକାଶ ଅଛି। ମହିଳାଙ୍କ ପାଇଁ କ'ଣ ଠିକ୍ ବା ଭୁଲ୍ ସେ ନେଇ ସେମାନଙ୍କୁ ସର୍ବଦା ଉପଦେଶ ଦିଆଯାଇଥାଏ, ଯାହାକୁ ଅଣଦେଖା କରିବା କଷ୍ଟକର। ନିଜକୁ କାହାଠାରୁ କମ୍ କି ନିଜ ସ୍ୱପ୍ନକୁ ଗୁରୁତ୍ୱହୀନ ବୋଲି ନ ଭାବିବାକୁ ଏବଂ କିଏ କ'ଣ ଭାବୁଛି ତାହା ଚିନ୍ତା ନ କରି ଜୀବନ ଉପଭୋଗ କରିବାକୁ ସେ ମହିଳାମାନଙ୍କୁ ଉପଦେଶ ଦେଇଛନ୍ତି।

# ପ୍ରିୟଙ୍କାଙ୍କ ପାରିଶ୍ରମିକ ଅସମାନତା ପ୍ରସଙ୍ଗରେ ମୁହଁ ଖୋଲି ଚାଞ୍ଚଲ୍ୟକର ବୟାନ ଦେଲେ କଙ୍ଗନା



ବଲିଉଡ ଅଭିନେତ୍ରୀ କଙ୍ଗନା ରାଣାୱତ ହୋଷ୍ଟ କରୁଥିବା ସୋ' ଲକ୍ ଅପ୍ ନିକଟରେ ଶେଷ ହୋଇଯାଇଛି। ତେବେ କଙ୍ଗନା ଯେକୌଣସି ବିଷୟବସ୍ତୁ ହେଉ ସେ ନିଜର ବୟାନ ଦେଇଥାଆନ୍ତି। ଆଉ କାହାକୁ ଭୟ ନକରି ତାଙ୍କ ମନରେ ଯାହା ଥାଏ ତାହାକୁ ସେ ସ୍ୱଷ୍ଟ ଭାବେ ସମସ୍ତଙ୍କ ସାମ୍ନାରେ ରଖିଥାଆନ୍ତି। ଆଉ ଯଦି ବଲିଉଡ କଥା ଉଠେ ସେ ଏହାକୁ ନେଇ ଅନେକ ଚାଞ୍ଚଲ୍ୟକର ବୟାନ ଦେଇଥାଆନ୍ତି। ଯାହାକୁ ନେଇ ଚର୍ଚ୍ଚା ଜୋର ଧରିଥାଏ। ନିକଟରେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ବଲିଉଡରେ ଅଭିନେତା ଓ ଅଭିନେତ୍ରୀଙ୍କ ପାରିଶ୍ରମିକ ମଧ୍ୟରେ ପାର୍ଥକ୍ୟକୁ ନେଇ କିଛି କଥା କହିଥିଲେ। ଏହି ପ୍ରସଙ୍ଗରେ କଙ୍ଗନା ନିଜ ଅଭିଜ୍ଞତା ସେୟାର କରିଛନ୍ତି।

କଙ୍ଗନା କହିଛନ୍ତି, 'ବଲିଉଡରେ ଏମିତି ବଡ଼ବଡ଼ ଅଭିନେତ୍ରୀ ଅଛନ୍ତି ଯେଉଁମାନେ କୌଣସି ପାରିଶ୍ରମିକ ନନେଇ ବି ସିନେମାରେ କାମ କରିବାକୁ ରାଜି ହୋଇ ଯାଆନ୍ତି। ବଲିଉଡରେ ପାରିଶ୍ରମିକ ଅସମାନତାକୁ ନେଇ ପ୍ରିୟଙ୍କା ନିଜର ମତ ରଖିଥିଲେ। ପ୍ରିୟଙ୍କାଙ୍କ ଏହି ଭିଡିଓକୁ କଙ୍ଗନା ତାଙ୍କର ଇନଷ୍ଟାଗ୍ରାମରେ ସେୟାର କରିଛନ୍ତି। ଏହି ଭିଡିଓ କ୍ଲିପରେ ପ୍ରିୟଙ୍କା କହୁଛନ୍ତି କି, 'ବଲିଉଡରେ ୬୦ ଟି ସିନେମା କରିବା ପରେ ବି ଅଭିନେତାଙ୍କ ପାଖାପାଖି ପାରିଶ୍ରମିକ ତାଙ୍କୁ କେବେ ମିଳିନାହିଁ। ଅଭିନେତାଙ୍କୁ ଯେତିକି ପାରିଶ୍ରମିକ ମିଳିଥାଏ ତାହାର ୧୦ ପ୍ରତିଶତ ତାଙ୍କୁ ମିଳିଥାଏ।' ଏହି ପ୍ରସଙ୍ଗକୁ ନେଇ କଙ୍ଗନା କହିଛନ୍ତି,' ମୁଁ ପାରିଶ୍ରମିକ ଅସମାନତାକୁ ନେଇ ମୁହଁ ଖୋଲିଥିବା ପ୍ରଥମ ମହିଳା । ଆଉ ଏହି ସବୁ ଘଟଣାକୁ ନେଇ ମୁହଁ ଖୋଲିଥିବାରୁ ମୋତେ ଅନେକ ଖରାପ ପରିସ୍ଥିତିର ସାମ୍ନାକୁ କରିବାକୁ ପଡ଼ିଛି। କାରଣ ଗୋଟିଏ ସିନେମାରେ ଅଭିନେତା ଯେତିକି ପାରିଶ୍ରମିକ ପାଇବେ ମୁଁ ବି ସେତିକି ପାଇବି ବୋଲି ଦାବି କରୁଥିଲୁ। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ସେହି ଭୂମିକାକୁ ବିନା ମୂଲ୍ୟରେ ଅନ୍ୟ ଅଭିନେତ୍ରୀମାନେ କରିବାକୁ ରାଜି ଥାଆନ୍ତି। ଏହି ଶ୍ରେଣୀରେ ଏଗ୍ରେଡ ଅଭିନେତ୍ରୀଙ୍କ ନାମ ବି ରହିଛି। ତେବେ ଆଗକୁ କିଛି କହୁନାହିଁ। କି କାହାରିକୁ ଦୋଷ ଦେଉନାହିଁ।'



# ବାପାଙ୍କ ଘର ଛାଡ଼ି ସୋନାକ୍ଷୀ ଫ୍ୟାନ୍ସଙ୍କ ସହ ସେୟାର କଲେ ଗୁଡନ୍ୟୁଜ



ବାପାଙ୍କ ଘର ଛାଡ଼ି ଦେଲେ ସୋନାକ୍ଷୀ ସିହ୍ନା। ସୋନାକ୍ଷୀ ବଲିଉଡର ଚର୍ଚ୍ଚିତ ଅଭିନେତ୍ରୀଙ୍କ ମଧ୍ୟରୁ ଜଣେ । ସେ ନିକଟରେ 'ଦହାଡ଼'କୁ ନେଇ ଚର୍ଚ୍ଚାରେ ରହିଛନ୍ତି। ଏହି ସିରିଜରେ ସୋନାକ୍ଷୀଙ୍କୁ ଜଣେ ପୁଲିସ ଅଧିକାରୀଙ୍କ ଭୂମିକାରେ ଅଭିନୟ କରୁଥିବା ଦେଖିବାକୁ ମିଳୁଛି। ଏଥିରେ ଦର୍ଶକ ବି ସୋନାକ୍ଷୀଙ୍କ ଅଭିନୟକୁ ବେଶ ପସନ୍ଦ କରୁଛନ୍ତି। ବୁଧବାର ସୋନାକ୍ଷୀ ତାଙ୍କ ଫ୍ୟାନ୍ସଙ୍କ ସହ ଗୁଡ଼ନ୍ୟୁଜ ସେୟାର କରିଛନ୍ତି। ଏହି ଗୁଡନ୍ୟୁଜଟି ହେଉଛି ସୋନାକ୍ଷୀ ନିଜ ରୋଜଗାରରେ ସଞ୍ଚୟ କରିଥିବା ଅର୍ଥରେ ମୁମ୍ବାଇରେ ତାଙ୍କ ସ୍ୱପ୍ନର ଘର କିଣିଛନ୍ତି। ଏହି ଘର କିଣିବା ପରେ ସୋନାକ୍ଷୀ ବହୁତ ଖୁସି ଅଛନ୍ତି। କାରଣ ଏଥିପାଇଁ ସେ ଅନେକ ଦିନରୁ ଅପେକ୍ଷା କରି ରହିଥିଲେ। ଯାହାକି ଇତିମଧ୍ୟରେ ପୂରା ହୋଇଯାଇଛି। ସୋନାକ୍ଷୀ ଇନଷ୍ଟାଗ୍ରାମରେ ତାଙ୍କର ଏହି ସୁନ୍ଦରଘରର ଫଟୋ ସେୟାର କରିଛନ୍ତି। ଯାହାକୁ ତାଙ୍କ ଫ୍ୟାନ୍ସମାନେ ବେଶ ପସନ୍ଦ ବି କରୁଛନ୍ତି। ଆଉ ଖୁବଶୀଘ୍ର ସୋନାକ୍ଷୀ ତାଙ୍କ ଘରକୁ ସଜେଇ ଦେବେ ବୋଲି ଫ୍ୟାନ୍ସ ଆଶାବାନ୍ଧିଛନ୍ତି। ଏହି ଘର ପୂର୍ବରୁ ସୋନାକ୍ଷୀ ତାଙ୍କ ବାପା ଶତ୍ରୁଘ୍ନ ସିହ୍ନାଙ୍କ ଘରେ ରହୁଥିଲେ। ଶତ୍ରୁଘ୍ନଙ୍କ ଘରର ନାମ 'ରାମାୟଣ' ଥିବା ଜଣାପଡ଼ିଛି। ଯାହାକି ମୁମ୍ବାଇରେ ଥିବା ବିଳାଶମୟ ଘର ମଧ୍ୟରୁ ଗୋଟିଏ।

# ପରିଣତ ବୟସରେ ବାପା ହେବେ ଅଭିନେତା: ଆଉ ମାତ୍ର ମାସକ ପରେ ଜନ୍ମନେବ ପିଲା

କୁହାଯାଏ କୌଣସି ବି କାମ ପାଇଁ କିଛି ବି ବୟସ ନଥାଏ। କୌଣସି ବି ଆରମ୍ଭ କିଛି ବି ବୟସରେ କରାଯାଇପାରେ। ଆପଣଙ୍କୁ ହୁଏତ ଆଶ୍ଚର୍ଯ୍ୟ ଲାଗୁଥାଇପାରେ, କିନ୍ତୁ ଏହା ସତ ଯେ ୮୩ ବର୍ଷ ବୟସରେ ବାପା ବନିବାକୁ ଯାଉଛନ୍ତି ହଲିଉଡ୍‌ର ଲୋକପ୍ରିୟ ଅଭିନେତା ଆଲ୍ ପାଚିନୋ। ସେ ୪ର୍ଥ ଥର ପାଇଁ ବାପା ବନିବାକୁ ଯାଉଛନ୍ତି। ଏହି ଖବର ଏବେ ତାଙ୍କ ପ୍ରଶଂସକମାନଙ୍କୁ ବେଶ୍ ଆନନ୍ଦିତ କରିଛି। ହଲିଉଡ୍‌ର ଏହି ବରିଷ୍ଠ ଅଭିନେତା ଆଲ୍ ପାଚିନୋଙ୍କ ପ୍ରେମିକା ତଥା ଫିଲ୍ମ ନିର୍ମାତା ନୁର ଅଲ୍‌ଫଲାହ ଗର୍ଭବତୀ ଅଛନ୍ତି। ଆଲ୍ ପାଚିନୋଙ୍କ ପ୍ରତିନିଧି ଏ ସଂପର୍କରେ ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ତେବେ ସବୁଠାରୁ ଖୁସିର କଥା ହେଉଛି ଅଭିନେତାଙ୍କ ପ୍ରେମିକାଙ୍କ ଡେଲିଭରିକୁ ଆଉ ମାତ୍ର ୧ ମାସ ବାକି ଅଛି। ଏହା ପୂର୍ବରୁ ସେ ତାଙ୍କ ପୂର୍ବତନ ପ୍ରେମିକା ଜାନ୍ ଟ୍ୟାରେଣ୍ଟଙ୍କ ୩୩ ବର୍ଷୀୟା ଝିଅର ବାପା ମଧ୍ୟ। ପାଚିନୋଙ୍କ ସେହି ଝିଅର ନାମ ଜୁଲି ମେରି। ସୂଚନାରୁ ଜାଣିବାକୁ ମିଳିଛି ଯେ ୨୯ ବର୍ଷୀୟା ନୁର ୨୦୨୨ ମସିହାରୁ ପାଚିନୋଙ୍କୁ ଡେଟ୍ କରୁଛନ୍ତି। ତେବେ ପାଚିନୋଙ୍କ ଆଗରୁ ଅନ୍ୟ ଜଣେ ପ୍ରେମିକାଙ୍କ ସହ ଦୁଇ ଯାଆଁଳା ପିଲା ବି ଅଛନ୍ତି। ଜାଣିବାକୁ ମିଳିଛି ଯେ ପାଚିନୋଙ୍କଠାରୁ ତାଙ୍କ ପ୍ରେମିକା ୫୦ ବର୍ଷରୁ ଅଧିକ ସାନ। ସେ ଦୁହିଁଙ୍କୁ ପ୍ରଥମ ଥର ପାଇଁ ଏକ ଡିନର ଡେଟ୍‌ରେ ଦେଖିବାକୁ ମିଳିଥିଲା। ଦୁହେଁ କରୋନା ସମୟରେ ଲୁଚିଛପି ପରସ୍ପରଙ୍କୁ ଡେଟ୍ କରୁଥିଲେ।

# ସଫଳ ସଂଗୀତ ନିର୍ଦ୍ଦେଶକ କୁମୁଦ ଚନ୍ଦ୍ର ରାୟ

ଓଡ଼ିଶାର ସଂଗୀତ ଜଗତରେ ଯେଉଁ ସାଧକ ମାନେ ସାଧନା କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ସେମାନଙ୍କ ମଧ୍ୟରେ ସଂଗୀତ ନିର୍ଦ୍ଦେଶକ କୁମୁଦ ଚନ୍ଦ୍ର ରାୟ ଅନ୍ୟତମ । ୧୯୭୦ ମସିହାରେ ଶ୍ରୀ ରାୟ ବାଲେଶ୍ୱର ଜିଲ୍ଲାର ବାହାନଗା ବ୍ଲକ ନିକଟସ୍ଥ ବଡ଼ ଗାଁ ରେ ଜନ୍ମଲାଭ କରନ୍ତି । ତାଙ୍କର ପିତା ସ୍ୱର୍ଗତ ଜଗନ୍ନାଥ ରାୟ ଓ ମାତା ସ୍ୱର୍ଗତା ଅଶୋକା ଦେବୀ । ଶ୍ରୀ ରାୟ ଙ୍କ ପତ୍ନୀ ମମତା ରାୟ, କନ୍ୟା ସୁରଭି ରାୟ ଓ ପୁତ୍ର ସୌରଭ ରାୟ । ୧୯୮୮ ମସିହାରୁ ଶ୍ରୀ ରାୟ ସଂଗୀତ ସାଧନା ଆରମ୍ଭ କରନ୍ତି । ଶ୍ରୀ ରାୟ ଙ୍କ ଗୁରୁ ହେଉଛନ୍ତି ପଣ୍ଡିତ ରାଜ କିଶୋର ଦାସ । ଶାସ୍ତ୍ରୀୟ କଣ୍ଠ ସଂଗୀତ ରେ ଶ୍ରୀ ରାୟ ଆଲ୍‌ହାବାଦ ବିଶ୍ୱ ବିଦ୍ୟାଳୟ ରୁ ପ୍ରୟାଗ ସଂଗୀତ ବିଶାରଦ ଭାବେ ଭାବେ ଗ୍ରାଜୁଏସନ ପାସ କରିଛନ୍ତି । ସେ ଯେଉଁ ଗୀତ ରେ ସଂଗୀତ ନିର୍ଦ୍ଦେଶନା ଦେଇ ଓଡିଶା ରେ ସୁନାମ ଅର୍ଜନ କରିଛନ୍ତି ସେହି କ୍ୟାସେଟ ମଧ୍ୟରେ ରହିଛି ଶ୍ରୀରାଧା,ମାଆ ର ପଣତ ଛାଇ, ମାଆ କରିଦେ କ୍ଷମା, ପାଗଳ କଲୁରେ ତୁ, କନ୍ୟାଦାନ, ଏ ମନ କାଚ ଆଇନା, ଚନ୍ଦନ ଚିତା, ଏ କେମିତି ପ୍ରୀତି, ସିଂହ ବାହିନୀ, ଚଇତି ରାଜା,,,, । ବିଶିଷ୍ଟ କଣ୍ଠଶିଳ୍ପୀ ସୁବାସ ଦାସ, ଶ୍ରୀଚରଣ ମହାନ୍ତି, ମାନସୀ ପାତ୍ର, ସୌରଭ ନାୟକ, କୁଳଦୀପ, ସୁରେଶ ସେଠି, ମଣ୍ଟୁ ଛୁରିଆ, ଜ୍ୟୋତିର୍ମୟୀ, ଋତୁ ପଲ୍ଲବୀ ପ୍ରମୁଖ ଶ୍ରୀ ରାୟଙ୍କ ସଂଗୀତ ନିର୍ଦ୍ଦେଶନା ରେ କଣ୍ଠଦାନ କରିଛନ୍ତି । ଏହି ସବୁ କ୍ୟାସେଟ ରେ ସେ ଗୀତ ମଧ୍ୟ ଲେଖିଛନ୍ତି । ଶ୍ରୀ ରାୟ ଖୁବ ଈଶ୍ୱର ବିଶ୍ୱାସୀ । ଠାକୁର ଅନୁକୂଳ ଚନ୍ଦ୍ର ଙ୍କର ସେ ଅନୁଗାମୀ। ସମ୍ପୂର୍ଣ ନିରାମିଷ ଭୋଜନ କରନ୍ତି ଶ୍ରୀ ରାୟ । ମା ମଙ୍ଗଳା ସାହିତ୍ୟ ସେବା ସଂସଦ, ଗୋପୀନାଥ ସେବା ସଦନ, ଜରିପୁଟ, ଖୋର୍ଦ୍ଧା ରୁ ଶ୍ରୀ ରାୟ ସାହିତ୍ୟ ଓ ସଂଗୀତ ସାଧନା ପାଇଁ ମଧୁସୂଦନ ଦାସ ସମ୍ମାନ ଓ ଅକ୍ଷୟ ମହାନ୍ତି ସମ୍ମାନ ଲାଭ କରିଛନ୍ତି । ଶ୍ରୀ ରାୟ ଙ୍କ ପ୍ରିୟ କଣ୍ଠଶିଳ୍ପୀ ହେଉଛନ୍ତି ଭଜନ ସମ୍ରାଟ ଭିକାରି ବଳ, ଅରବିନ୍ଦ ମୁଦୁଲି, ଅକ୍ଷୟ ମହାନ୍ତି, ପ୍ରଣବ ପଟ୍ଟନାୟକ, ପ୍ରଫୁଲ୍ଲ କର, ଚିତ୍ତ ଜେନା, ସୁବାସ ଦାସ, ତୃପ୍ତି ଦାସ, ଶାନ୍ତିଲତା ବାରିକ, ଟି ସୌରୀ, ଇରା ମହାନ୍ତି । ଆଗାମୀ ଦିନରେ ଓଡ଼ିଆ ସିନେମା ରେ ସୁଯୋଗ ମିଳିଲେ ଶ୍ରୀ ରାୟ ନିଶ୍ଚିତ ସଂଗୀତ ନିର୍ଦ୍ଦେଶନା ଦେବେ ବୋଲି ମତ ପ୍ରକାଶ କରିଛନ୍ତି କ୍ଷ ତାଙ୍କର ଭବିଷ୍ୟତ ଲକ୍ଷ୍ୟ ଜଣେ ଭଲ ମଣିଷ ହୋଇ ବଞ୍ଚିବି, ସମାଜ ସେବା କରିବି ଓ ସଂଗୀତ ଏବଂ ସାହିତ୍ୟ ରେ ସାଧନା କରି ସମସ୍ତ ଙ୍କୁ ନୂତନ ଦିଗ ଦର୍ଶନ ଦେବି । ଶ୍ରୀ ରାୟଙ୍କ ବାର୍ତ୍ତା ଆଗାମୀ ଯୁବ ପିଢ଼ି ମାନେ ଆସନ୍ତୁ, ନିଷ୍ଠା ର ସହିତ କର୍ତ୍ତବ୍ୟ କରନ୍ତୁ ଓ ଗୁରୁଙ୍କ ଆଶୀର୍ବାଦ ନେଇ ଆଗେଇ ଚାଲନ୍ତୁ । ଈଶ୍ୱର ଙ୍କ କୃପାରୁ ଶ୍ରୀ ରାୟ ଙ୍କ ଭବିଷ୍ୟତ ର ଚଲାପଥ ରେ ପୁଷ୍ପବୃଷ୍ଟି ହେଉ । ଏତିକି କାମନା ।

**ଉପସ୍ଥାପନା: ପ୍ରଦୀପ୍ତ ମହାନ୍ତି**
ସମ୍ପାଦକ ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦ,ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ,
ମୋ: ୭୦୦୮୬୪୧୮୫୨, ୯୯୩୭୯୭୬୩୫୧



# ରାଜ୍ୟ ସରକାର ଅମଲାଙ୍କ ପ୍ରତି ବୈମାତୃକ ମନୋଭାବ ପ୍ରତିବାଦରେ ସମୂହ ଛୁଟିର ଆନ୍ଦୋଳନ କାର୍ଯ୍ୟକ୍ରମ




ଖୋର୍ଦ୍ଧା , ୧/୦୬ (ନି.ପ୍ର): ଓଡ଼ିଶାରେ କାର୍ଯ୍ୟରତ ସମସ୍ତ ଜିଲ୍ଲା ସ୍ତରୀୟ ଅମଲା ମାନଙ୍କ ଦାବି ପୂରଣ କରିବାରେ ରାଜ୍ୟ ସରକାରଙ୍କ କ୍ରମାଗତ ଉଦାସୀନତା ପ୍ରତିବାଦରେ ବାଧ ହୋଇ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଜିଲ୍ଲା ସ୍ତରୀୟ ଅମଲା ସଙ୍ଗଠନ ଗୋଟିଏ ଛାତ ତଳେ ଏକତ୍ରୀତ ହୋଇ ଏକ ବୃହତ୍ତର ଜିଲ୍ଲା ସ୍ତରୀୟ ମିଳିତ ଅମଲା ମଞ୍ଚ କୁ ଜନ୍ମ ଦେଇଛନ୍ତି । ଏହାର ନିଷ୍ପତ୍ତି କ୍ରମେ ଗତ ଏପ୍ରିଲ ମାସ ୨୧ ତାରିଖରେ ଜିଲ୍ଲା ସ୍ତରୀୟ ମିଳିତ ଅମଲା ମଞ୍ଚ ପକ୍ଷରୁ ରାଜ୍ୟର ୩୦ ଗୋଟି ଜିଲ୍ଲାର ଜିଲ୍ଲାପାଳଙ୍କ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କୁ ଦାବି ପୂରଣ ନେଇ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ଏପ୍ରିଲ ୩୦ ତାରିଖ ମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ନ ପାଇବାରୁ ମଇ ମାସ ୧ ତାରିଖ ଦିନ ଜିଲ୍ଲା ସ୍ତରୀୟ ମିଳିତ ମଞ୍ଚ ରାଜ୍ୟ ଶାଖା ପକ୍ଷରୁ ଏକ ଚରମ ପତ୍ର ମୁଖ୍ୟ ଶାସନ ସଚିବ ଙ୍କୁ ପ୍ରଦାନ କରାଯାଇଥିଲା । ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସରକାରଙ୍କୁ ମେ ମାସ ୨୧ ତାରିଖ ସୁଦ୍ଧା ଜିଲ୍ଲା ସ୍ତରୀୟ ଅମଲା ଙ୍କ ଦାବି ପୂରଣ କରିବା ପାଇଁ ଅନୁରୋଧ କରାଯାଇଥିଲା । ଯଦି ଧାର୍ଯ୍ୟ ସମୟ ସୀମା ମଧ୍ୟରେ ରାଜ୍ୟ ସରକାର ଜିଲ୍ଲା ସ୍ତରୀୟ ଅମଲା ମାନଙ୍କ ଦାବି ପୂରଣ ନେଇ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ମେ ମାସ ୨୨ ତାରିଖ ଠାରୁ ମେ ମାସ ୩୧ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ୍ ପରିଧାନ କରାଯିବ ଏବଂ ଏହାସତ୍ତ୍ୱେ ଯଦି ସରକାର କୌଣସି ନିଷ୍ପତ୍ତି ଗ୍ରହଣ ନ କରନ୍ତି ତେବେ ଆସନ୍ତା ୦୧. ୦୬.୨୦୨୩ ତାରିଖ ଠାରୁ ଓଡ଼ିଶାରେ କାର୍ଯ୍ୟରତ ସମସ୍ତ ଜିଲ୍ଲା ସ୍ତରୀୟ ଅମଲା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ସମୂହ ଛୁଟି ରେ ଯିବେ ବୋଲି ରାଜ୍ୟ ସ୍ତରୀୟ ମିଳିତ ଅମଲା ମଞ୍ଚ ପୂର୍ବରୁ ରାଜ୍ୟ ସରକାରଙ୍କୁ ଚେତାଇ ଥିଲେ । ପ୍ରକାଶ ଥାଉକି, ଦୀର୍ଘ ବର୍ଷ ହେଲା ଜିଲ୍ଲା ସ୍ତରୀୟ ଅମଲା ମାନଙ୍କର ବେତନରେ ଥିବା ଅସଙ୍ଗତି କୁ ଦୂର କରିବାରେ ରାଜ୍ୟ ସରକାର ଜାଣିଶୁଣି ଅଣଦେଖା ଓ ଅବହେଳା କରି ଚାଲିଛନ୍ତି । ଏହା ଦ୍ୱାରା ଜିଲ୍ଲା ସ୍ତରୀୟ ଅମଲା ମାନଙ୍କ ମନରେ ବହୁତ ନୈରାଶ୍ୟ ଓ ଅସନ୍ତୋଷ ଦେଖାଦେଇଛି । ଯାହାର ଫଳ ସ୍ୱରୂପ ଆଜି ତା ୧.୬.୨୦୨୩ ଏକ ବିଶାଳକାୟ ଅମଲା ଆନ୍ଦୋଳନ ମୁଣ୍ଡ ଟେକିବାକୁ ଗଲା । ଜିଲ୍ଲା ର ପ୍ରାୟ ୧୪୦୦ ଶହ ଅମଲା ଏବଂ ରାଜ୍ୟ ର ପ୍ରାୟ ୪୦୦୦୦୦ ହଜାର ଅମଲା ଆଜି ଠାରୁ ସମୂହ ଛୁଟିରେ । ଏହାର ପରିଣାମ ସ୍ୱରୂପ ନିଶ୍ଚିତ ଭାବରେ ସରକାରଙ୍କ କ୍ଷତି କରିବା ସହିତ ଜନସାଧାରଣ ମଧ୍ୟ ଘୋର ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ଏଥିପାଇଁ ରାଜ୍ୟ ସରକାର ହିଁ ଦାୟୀ ରହିବେ ବୋଲି ରାଜ୍ୟ ମିଳିତ ମଞ୍ଚ ର ଅଧ୍ୟକ୍ଷ ଶ୍ରୀ ନାରାୟଣ ଦାଶ ପ୍ରକାଶ କରିଛନ୍ତି । ଏଠାରେ ପ୍ରକାଶ କରା ଯାଇ ପାରେ ଯେ, ରାଜ୍ୟ ସରକାର ୨୦୧୭ ମସିହା ଠାରୁ ଜିଲ୍ଲା ସ୍ତରୀୟ ଅମଲା ମାନଙ୍କ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ସ୍ନାତକ ସହିତ କମ୍ପ୍ୟୁଟର ଜ୍ଞାନ କରିଥିଲେ ମଧ୍ୟ ବେତନରେ କୌଣସି ପ୍ରକାର ଅଭିବୃଦ୍ଧି କରି ନାହାଁନ୍ତି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ସମୟରେ ବିଭିନ୍ନ ଅମଲା ସଂଘ ମାନଙ୍କ ପକ୍ଷରୁ ପତ୍ରାଳାପ କରିବା ସହିତ ବିଭିନ୍ନ ସ୍ତରରେ ଆଲୋଚନା ହୋଇସାରିଛି । କିନ୍ତୁ, ଉପରୋକ୍ତ ସମସ୍ତ ଆଲୋଚନା ପର୍ଯ୍ୟାଲୋଚନା ଫଳ ଶୂନ୍ୟ ହୋଇଅଛି । ଏଠାରେ ପୁନର୍ବାର ପ୍ରକାଶ କରାଯାଇ ପାରେ ଯେ, ଜିଲ୍ଲା ସ୍ତରୀୟ ଅମଲା ମାନେ ତୃଣମୂଳ ସ୍ତରରେ କାର୍ଯ୍ୟ କରି ଜିଲ୍ଲା ସ୍ତରରେ ବିଭିନ୍ନ ବିଭାଗ ମାଧ୍ୟମରେ ରାଜ୍ୟ ସରକାର ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡିକରେ ସଫଳ ରୂପାୟନ କରିଥାନ୍ତି । ତୃଣମୂଳ ସ୍ତରରେ କାର୍ଯ୍ୟରତ ପରିଶ୍ରମ ର ଶ୍ରେୟ ରାଜ୍ୟ ତଥା କେନ୍ଦ୍ର ସରକାର ଙ୍କୁ ମିଳିଥାଏ । ଅମଲା ମାନଙ୍କୁ ମିଳିଥାଏ ଅବହେଳା ଏବଂ ପ୍ରତାରଣା । ଆଜିର ଖବରଦାତା ସମ୍ମିଳନୀ ରେ ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଉ ଅଛି କି, ଯଥା ଶୀଘ୍ର ଜିଲ୍ଲା ସ୍ତରୀୟ ଅମଲା ମାନଙ୍କ ଦାବି ପୂରଣ ପାଇଁ ଉଚିତ୍ ପଦକ୍ଷେପ ନେବେ ।, ନଚେତ୍ ଆଜିଠାରୁ ଅନିଦିର୍ଷ୍ଟ କାଳ ପାଇଁ ଯଥା ଦାବି ହାସଲ ନହେଲା ପର୍ଯ୍ୟନ୍ତ ଜିଲ୍ଲା ର ସମସ୍ତ ବିଭାଗର ସମସ୍ତ ଅମଲା ସମୂହ ଛୁଟିରେ ରହି ପ୍ରତିବାଦ କରିବେ ଏବଂ ଏଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ଉପସ୍ଥିତ ଅମଲା ମତବ୍ୟକ୍ତ କରିଥିଲେ ।

# ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ: ଚାଳକ କୋର୍ଟ ଚାଲାଣ

ବସ୍ତା ୧/୬(ନିପ୍ର) ବୁଧବାର ବିଳମ୍ବିତ ରାତ୍ରୀରେ ୧୬ ନଂ ଜାତୀୟ ରାଜପଥର ରାଜଘାଟ ଚାଲନ୍ତି ଅଞ୍ଚଳରୁ ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁଅମର୍ଦ୍ଦାରୋଡ଼ ଫାଣ୍ଡି ପୋଲିସ ଜବତ କରିଛି ।ପରେ ଜବତ ଟ୍ରାକ୍ଟରକୁ ଅମର୍ଦ୍ଦାରୋଡ଼ ଫାଣ୍ଡି ପରିସରରେ ନେଇ ରଖିଥିବା ସୂଚନା ମିଳିଛି ।ଏହି ଘଟଣାରେ ୧୭୨/୨୩ ମୂଳେ ମାମଲା ରୁଜୁ କରି ଉକ୍ତ ଟ୍ରାକ୍ଟରର ଚାଳକ ଦାଣ୍ଡୁ ହାସଦାଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି ବୋଲି ଫାଣ୍ଡି ଅଧିକାରୀ ସନ୍ଦୀପ କୁମାର କୁଜୁର ସୂଚନା ଦେଇଛନ୍ତି । ସେହିପରି ୧୬ ନଂ ଜାତୀୟ ରାଜପଥ ରୁପସା ଥାନା ନିକଟରେ ଏକ ବେଆଇନ ବାଲି ବୋଝେଇ ଡମ୍ପର କୁ ଜବଦ କରିଛି ରପସା ପୋଲିସ। ସୂଚନା ଥାଉ କି ମୟୁରଭଞ୍ଜ ଜମ୍ବିରା ନଦୀରୁ ଓଡି ୦୧ଏଏନ ୯୯୯୫ ବିଶିଷ୍ଟ ଏକ ଡମ୍ପର ବାଲି ବୋଝେଇ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ରୁପସା ନିକଟରେ ପୋଲିସ ଅଟକାଇ ଚାଲାଣ ମାଗିଥିଲେ। ମାତ୍ର ଚାଲାଣ ନଥିବାରୁ ଡମ୍ପର ଜବଦ କରିବା ସହିତ ଚାଳକ ବସ୍ତା ଥାନା କୁନଡିହା ଗ୍ରାମର ରାକେଶ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ରୁପସା ଥାନାରେ ୬୦/ ୨୩ ମୂଳେ ଏକ ମାମଲା ରୁଜୁ କରିଛି ପୋଲିସ।

# ଅମଲା ମଞ୍ଚର ସମୂହ ଛୁଟି : ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ




ଉଦଳା , ୧/୦୬ (ନି.ପ୍ର): ମିଳିତ ଅମଲା ମଞ୍ଚର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଆଜି ଜୁନ ୧ ତାରିଖ ଗୁରୁବାର ଠାରୁ ସମସ୍ତ କର୍ମଚାରୀ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ଥିବାର ଜଣାଯାଇଛି । ପୂର୍ବରୁ କର୍ମଚାରୀ ମାନେ ସ୍ନାତକ ଯୋଗ୍ୟତା ଭିତ୍ତିରେ ଦରମା ନିର୍ଦ୍ଧାରଣ କରିବାକୁ ଦାବି ଜଣାଇଥିଲେ । ସରକାର ଦାବୀ ପୂରଣ ନକଲେ ସମୂହ ଛୁଟିରେ ଯିବେ ବୋଲି ଚେତାବନୀ ଦେଇଥିଲେ । ସ୍ନାତକ ଯୋଗ୍ୟତା ଭିତ୍ତିରେ ଦରମା ପ୍ରଦାନ କଲେ କର୍ମଚାରୀ ମାନଙ୍କର ମୂଳ ଦରମା ୯୩୦୦ ଟଙ୍କା ଓ ଗ୍ରେଡପେ ୪୨୦୦ ଟଙ୍କା ହେବ ବୋଲି ଜଣାଯାଇଛି । ତେବେ ଆଜି ସମୂହ ଛୁଟି ଫଳରେ କପ୍ତିପଦା ଉପଖଣ୍ଡ ଅନ୍ତର୍ଗତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ତହସିଲ, ସବରେଜେଷ୍ଟ୍ରି ଟ୍ରେଜେରୀ, ବ୍ଲକ୍, ଡ଼ାକ୍ତରଖାନା, କୃଷି, ସିଡ଼ିପିଓଙ୍କ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାର ଜଣାଯାଇଛି । ସମଗ୍ର କପ୍ତିପଦା ଉପଖଣ୍ଡରୁ ଶତାଧିକ କର୍ମଚାରୀ ଏହି ଆନ୍ଦୋଳନରେ ସାମିଲ ଥିବାର ଦେଖିବାକୁ ମିଳିଛି ।

# କେନ୍ଦ୍ରମନ୍ତ୍ରୀ ବ୍ରିଜ ଭୂଷଣ ସିଂଙ୍କୁ ଗିରଫ ଦାବିରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ବିକ୍ଷୋଭ




ଭଦ୍ରକ, ୧/୦୬ (ନି.ପ୍ର): ବିଜେପିର କେନ୍ଦ୍ର କ୍ରୀଡାମନ୍ତ୍ରୀ ବ୍ରିଜ ଭୂଷଣ ସିଂଙ୍କୁ ଗିରଫ କରାଯିବା ଦାବି ନେଇ ସଂଯୁକ୍ତ କିଷାନ ମୋର୍ଚ୍ଚା ତରଫରୁ ଏକ ପ୍ରତିବାଦ ସଭା ସ୍ଥାନୀୟ ବନ୍ତଛକ ଠାରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ସଭାରେ ଓଡ଼ିଶା କୃଷକ ସଭାର ଭଦ୍ରକ ଜିଲ୍ଲା ସଭାପତି ଚନ୍ଦ୍ରଶେଖର ନାୟକ ସଭାପତିତ୍ୱ କରିଥିଲେ। ବିଜେପିର ସାଂସଦ ବ୍ରିଜ ଭୂଷଣ ସିଂ ମହିଳା ମଲ୍ଲ ଯୋଦ୍ଧାଙ୍କୁ ବଳାତ୍କାର କରିବାର ୪୦ ଦିନ ବିତି ଯାଇଥିଲେ ହେଁ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଚାପରେ ତାଙ୍କୁ ଗିରଫ କରୁନାହିଁ ପୁଲିସ। ସୁପ୍ରିମ୍ କୋର୍ଟଙ୍କ ଆଦେଶ ପରେ ତାଙ୍କ ବିରୋଧରେ ମାମଲା ରୁଜୁ କରିବା ପରେ ମଧ୍ୟ କେନ୍ଦ୍ର ସରକାର ଅଭିଯୁକ୍ତ ବ୍ରିଜ ଭୂଷଣଙ୍କୁ ଗିରଫ ନ କରି ସୁରକ୍ଷା ଦେଇ ସମଗ୍ର କ୍ରୀଡାବିତ୍ ସମାଜ ପ୍ରତି ବିଶ୍ୱାସଘାତକତା କରିବା ସହିତ ନାରୀ ସମାଜକୁ ବିଜେପି ଦଳ ଓ କେନ୍ଦ୍ର ସରକାର ଅପମାନିତ କରିଛି ବୋଲି ମିଳିତ ସଂଯୁକ୍ତ ମୋର୍ଚ୍ଚାର ନେତୃମଣ୍ଡଳ ଯଥା : କିଷାନ ସଭାର ସଭାପତି ଚନ୍ଦ୍ର ଶେଖର ନାୟକ, ସମ୍ପାଦକ ପ୍ରଫେସର ପ୍ରଭାସ ଚନ୍ଦ୍ର ମହାପାତ୍ର, ଓଡ଼ିଶା କ୍ଷେତ ମଜଦୂର ୟୁନିୟନ ଭଦ୍ରକ ଜିଲ୍ଲା ସମ୍ପାଦକ ଗିରିଧାରୀ ନାଥ, ସି.ଆଇ.ଟି.ୟୁ. ନେତା ରାଧା ଦାସ, ଶେଖ୍ କମର, ଗଣତାନ୍ତ୍ରିକ ଯୁବ ଫେଡ଼େରେସନ ନେତା ବିନୋଦ ସାହୁ, ପ୍ରତାପ କୁମାର ସେଠୀ, ଶ୍ରମିକ ସଂଗଠନର ଚାନ୍ଦବାଲି ନେତା ମଳୟ ଭୋଇ, ତିହିଡ଼ିର ବିଷ୍ଣୁ ଦାଶ, ଆଡ୍‌ଭୋକେଟ ଅଗଣି ଚରଣ ଜେନା ପ୍ରମୁଖ ବକ୍ତାମାନେ ପ୍ରତିବାଦ କରି ବ୍ରିଜ୍ ଭୂଷଣଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ଏଥି ସହିତ ହରିୟାଣାର ବିଜେପି ଦଳର ସନ୍ଦିପ ସିଂହଙ୍କୁ ମଧ୍ୟ ଗିରଫ କରିବାକୁ ନେତାମାନେ ଦାବି କରିଥିଲେ। ଏହି ପ୍ରତିବାଦ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଶେଖ୍ ଗୋଲାମ ମୁସ୍ତାଫା, ସେକ୍ କାଲୁ, ମିନାଜ ଖାଁ, ତାରିଖ୍ ଖାଁ, ଅନଓ୍ୱର ଉଦ୍ଦିନ, ସେକ୍ ଜବାର, ମାର୍କଣ୍ଡ ଜେନା, ସତ୍ୟମୂର୍ତ୍ତୀ ବେହେରା ପ୍ରମୁଖ ପ୍ରତିବାଦ କରି ବକ୍ତବ୍ୟ ରଖିଥିଲେ। ସଭାରେ ମଧ୍ୟ ବିଜେପିର ଜନମାରଣ ନୀତି, ରାଷ୍ଟ୍ରପତିଙ୍କୁ ନୂତନ ପାର୍ଲାମେଣ୍ଟ ଗୃହର ଉଦ୍‌ଘାଟନକୁ ନିମନ୍ତ୍ରଣ ନ କରିବା ଅପକର୍ମ ଆଦିକୁ ନିନ୍ଦା କରାଯାଇଥିଲା। ପରେ କୃଷକ ନେତା ଚନ୍ଦ୍ରଶେଖର ନାୟକଙ୍କ ନେତୃତ୍ୱରେ ସିଟୁ ନେତା ରାଧା ଦାସ, ଯୁବନେତା ପ୍ରତାପ ସେଠୀ, ପ୍ରଫେସର ପ୍ରଭାସ ମହାପାତ୍ର, କ୍ଷେତ ମଜଦୂର ସଂଘର ଜିଲ୍ଲା ସମ୍ପାଦକ ଗିରିଧାରୀ ନାଥ ପ୍ରମୁଖ କେନ୍ଦ୍ରମନ୍ତ୍ରୀ ବ୍ରିଜ ଭୂଷଣ ସିଂ ଓ ହରିଆଣା ମନ୍ତ୍ରୀ ସନ୍ଦିପ ସିଂଙ୍କୁ ଗିରଫ କରିବା ଦାବିରେ ଜିଲ୍ଲାପାଳଙ୍କ ଜରିଆରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ଜିଲ୍ଲାସ୍ତରୀୟ ମିଳିତ ଅମଲା ମଞ୍ଚର ସମୂହ ଛୁଟି: ନୀଳଗିରିରେ ବିଭିନ୍ନ ବିଭାଗରେ ପ୍ରଭାବ




ନୀଳଗିରି , ୧/୦୬ (ନି.ପ୍ର): ରାଜ୍ୟ ଅମଲା ସଂଘ ଓ ବାଲେଶ୍ୱର ଜିଲ୍ଲା ମିଳିତ ଅମଲାମଞ୍ଚ ଆହ୍ୱାନରେ ସାରା ରାଜ୍ୟରେ ଅମଲା ମାନେ ଗୁରୁବାର ଜୁନ ୧ତାରିଖରୁ ସମୂହ ଛୁଟିରେ ଯାଇଛନ୍ତି । ଏନେଇ ରାଜ୍ୟ ମୁଖ୍ୟଶାସନ ସଚିବଙ୍କୁ ପୂର୍ବରୁ ଚିଠି ଲେଖି ଅବଗତ କରିଥିଲେ । ମେ ୨୨ତାରିଖରୁ କଳାବ୍ୟାଚ ପିନ୍ଧି କାମ କରୁଥିଲା ବେଳେ ସରକାର ଯଦି ଅମଲା ମାନଙ୍କ ଦାବୀ ପୁରଣ ନହୁଏ ତାହେଲେ ସମୂହ ଛୁଟିରେ ଯିବେ ବୋଲି ଚେତାବନୀ ଦେଇଥିଲେ । ଜିଲ୍ଲାର ବିଭିନ୍ନ ବିଭାଗରେ କାର୍ଯ୍ୟରତ ୭୦୦ରୁ ଅଧିକ ଅମଲା ଏଥିରେ ସାମିଲ ଥିଲେ । ସ୍ନାତକ ଶିକ୍ଷ୍ୟାଗତ ଯୋଗ୍ୟତା ଭିତ୍ତିରେ ଜିଲ୍ଲାସ୍ତରୀୟ ଅମଲାଙ୍କୁ ଲେବୁଲ ୪ରୁ ଲେବୁଲ ୯କୁ ପଦନ୍ନୋତି କରିବା ସହିତ ଗ୍ରେଡ୍ ପେ ୧୯୦୦ରୁ ୪୨୦୦କରିବା ପ୍ରମୁଖ ଦାବୀ ରହିଥିଲା । ତେବେ ସରକାର ଖୁବଶୀଘ୍ର ଯଦି ସେମାନଙ୍କର ଦାବୀ ପୁରଣ ନକରନ୍ତି ତାହେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବବୋଲି ଚେତାବନୀ ଦେଇଛନ୍ତି । ଏନେଇ ନୀଳଗିରି ଅମଲା ସଂଘର ଗୌତମୀ ଦେବୀ, ରଜନୀକାନ୍ତ ପଣ୍ଡା, ପାର୍ବତୀପଣ୍ଡା, ନମିତା ସିଂ, ପ୍ରବୀଣ ମାଝୀ, କୌଶଲ୍ୟା ବେହେରା, ସୁଜିତ କୁମାର ପତି, ବବିତା ବେହେରା, ସୁଧାଂଶୁ ଶେଖର ସ୍ୱାଇଁ, ସବିତା ସିଂ, ପ୍ରିୟଙ୍କା ସିଂ ପ୍ରମୁଖ ୪୦ରୁ ଉର୍ଦ୍ଧ ଅମଲା ମାନେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ




ବାରିପଦା , ୧/୦୬ (ନି.ପ୍ର): ଆଜି ସ୍ଥାନୀୟ ମୁର୍ଗାବାଡି ସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କର ମଢେଇ, ବଡ଼ସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ଡାକ୍ତର ବୁଢ଼ାନ ମୁର୍ମୁ, ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝୀ, ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂ, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ରାଇରଙ୍ଗପୁର ଉପଜିଲ୍ଲାପାଳ ସରୋଜ କୁମାର ଦାଶ, ଉଦଳା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, କରଞ୍ଜିଆ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି ପ୍ରମୁଖଙ୍କ ସମେତ ଜିଲ୍ଲାର ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲ୍ଲାର ପୌରପାଳିକା ଓ ବିଜ୍ଞାପିତ ଅଂଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ, ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ପଦାଧିକାରୀ ଓ ଲାଇନ ବିଭାଗର ଅଧିକାରୀ ମାନେ ଯୋଗ ଦେଇ ସମ୍ଭାବ୍ୟ ବନ୍ୟା, ବାତ୍ୟା ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟରର ମୁକାବିଲା ପାଇଁ ପ୍ରାକ ପ୍ରସ୍ତୁତି, ସତର୍କତା ମୂଳକ ପଦକ୍ଷେପ ଗ୍ରହଣ ପୂର୍ବକ ଉଦ୍ଧାର ଓ ରିଲିଫ ପ୍ରଦାନ ଆଦି କାର୍ଯ୍ୟର ସୁପରିଚାଳନା କରାଯିବା ନେଇ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି ସମ୍ପର୍କରେ ହୋଇଥିବା ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏସଆରସି ରିଲିଫ କୋର୍ଡ ଅନୁସାରେ ପ୍ରାକ ପ୍ରସ୍ତୁତି ଉଦ୍ଧାର ଓ ଥଇଥାନ ଆଦି ଦିଗ ପ୍ରତି ଧ୍ୟାନ ଦେବା ସହ ବିପର୍ଯ୍ୟୟ ସମୟରେ କ୍ଷୟକ୍ଷତି ଜନିତ ଘରଭଙ୍ଗା ଅନୁକମ୍ପା ରାଶି ପାଇଁ ୩ ଦିନ ମଧ୍ୟରେ କ୍ଷୟ କ୍ଷତିର ପ୍ରାଥମିକ ସବିଶେଷ ସଠିକ ବିବରଣୀ ଏସଆରସିଙ୍କ ନିକଟକୁ ପଠାଇବାକୁ ଅଧିକାରୀ ମାନଂକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାରେ ଥିବା ୧୦ ଟି ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳ ଏବଂ ସ୍ୱତନ୍ତ୍ର ଭାବେ ଚିହ୍ନଟ କରାଯାଇଥିବା ବିଭିନ୍ନ ସରକାରୀ ବିଦ୍ୟାଳୟରେ ଏକାଧିକ ନିରାପଦ ଅସ୍ଥାୟୀ ଆଶ୍ରୟ ସ୍ଥଳ ମାନଙ୍କ ରେ ଅତ୍ୟାବଶ୍ୟକିୟ ସାମଗ୍ରୀ ତଥା ଖାଦ୍ୟ, ଔଷଧ, ପାନୀୟ ଜଳ ଆଦି ଆନୁସଙ୍ଗିକ ବ୍ୟବସ୍ଥା ପ୍ରସ୍ତୁତ ରଖିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ବିପର୍ଯ୍ୟୟ ପରିଚାଳନା ଓ ବନ୍ୟା ନିୟନ୍ତ୍ରଣ ପାଇଁ ଆବଶ୍ୟକୀୟ କଣ୍ଟିଜେନସି ପ୍ଲାନ ପ୍ରସ୍ତୁତ କରାଯିବା, ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲିବା, ପାଣିପାଗର ସତର୍କ ସୂଚନା ପାଇଁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ପ୍ରସ୍ତୁତ ରଖିବା, ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳରେ ନଦୀ ଉପକୂଳବର୍ତ୍ତୀ ଥିବା ଦୁର୍ବଳ କେନାଲ, ବନ୍ଧ, ପୋଲ ଓ ଗମନାଗମନ ରାସ୍ତା ଚିହ୍ନଟ କରି ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ସେହିପରି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଙ୍କ ତତ୍ତ୍ୱାବଧାନ ରେ ସମ୍ଭାବ୍ୟ ବନ୍ୟା ବାତ୍ୟା ପ୍ରଭାବିତ ଅଂଚଳ ରେ କୃଷି ଫସଲ ସୁରକ୍ଷା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିବା ସହ ଗୃହପାଳିତ ପଶୁ ପକ୍ଷୀ ମାନଙ୍କ ଆବଶ୍ୟକ ପରିମାଣ ଗୋଖାଦ୍ୟ, ଔଷଧ ଆଦି ଗଛିତ ରଖିବା ପାଇଁ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ସମୟରେ ଜରୁରୀକାଳୀନ ଉଦ୍ଧାର କାର୍ଯ୍ୟ ପାଇଁ ଶକ୍ତି ଚଳିତ ଡ଼ଙ୍ଗା ବ୍ୟବସ୍ଥା କରାଯିବା, ଓଡ୍ରାଫ୍ଟ ଟିମକୁ ପ୍ରସ୍ତୁତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମୋଟାମୋଟି ଭାବରେ ଜିରୋ କାଜୁଆଲିଟି ଉପରେ ଧ୍ୟାନ ରଖି କାର୍ଯ୍ୟ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।

# ଅମଲା ମଂଚ ପକ୍ଷରୁ ବିଭିନ୍ନ ଦାବିରେ ବ୍ଲକ ସମ୍ମୁଖରେ ଆନ୍ଦୋଳନ

ଜଳେଶ୍ୱର ୧/୬(ନି.ପ୍ର): ସମଗ୍ର ରାଜ୍ୟରେ ଅମଲା ମଂଚ ପକ୍ଷରୁ ୪୨୦୦ ଟଙ୍କା ଗ୍ରେଡ ପେ ଲାଗି ଆନ୍ଦୋଳନ ଚାଲିଥିବା ବେଳେ ବାଲେଶ୍ୱର ଜିଲା ଅମଲା ମଂଚର ମିଳିତ ଆନୁକୂଲ୍ୟରେ ଆଜି ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ମୋଟ ୩୮ଟି ବିଭାଗର ୬୪ଜଣ ଅମଲା ଏହି କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଅମଲାମାନେ ସମୂହ ଛୁଟିନେଇ ଧାରଣରେ ବସିଥିବାରୁ ସରକାର ଦାବୀ ପୂରଣ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁରହିବ ବୋଲି ସନ୍ଦିପ କୁମାର ଦାସ, ରାଜିବ କୁମାର ଘୋଷ, ପ୍ରଶାନ୍ତ କୁମାର ସାହୁ, ଯଶୋମତି ଦଳେଇ, ଦିଲ୍ଲିପ କୁମାର ଦାସ, ସତ୍ୟନାରାୟଣ ଜେନା, କିଶୋର ମହାପାତ୍ର, ସଂଜୟ ପ୍ରଧାନ, ନମିତା ସିଂ, ବ୍ରହ୍ମଦର୍ଦ୍ଧ ବେହେରା, ଦିପାଳି ଦତ୍ତ, ମନ୍ଦାକିନୀ ସିଂ, ସ୍ୱୟଂ ଶିକ୍ଷିତ ଦିକ୍ଷିତ, ସତ୍ୟବ୍ରତ ଶତପଥି ପ୍ରମୁଖ ପ୍ରକାଶ କରିଛନ୍ତି ।

# ମାନବିକ ସମ୍ବେଦନ ରହିତ ସାହିତ୍ୟ କାଳଜୟୀ: 'ଟିକି ସାରଙ୍କ ଟିକି କଥା' ଉନ୍ମୋଚିତ



ଲଙ୍ଗଳେଶ୍ୱର ୧/୬(ନିପ୍ର) ମାନବିକ ସମ୍ବେଦନ ରହିତ ସାହିତ୍ୟ ହିଁ କାଳଜୟୀ । ମାନବିକ ମୂଲ୍ୟବୋଧ ହିଁ ସାହିତ୍ୟର ଅଧାର । ମାନବିକ କଥା କହୁଥିବା ସାହିତ୍ୟ ହିଁ ସର୍ବଜନାଦୃତ ବୋଲି ବୁଧବାର ବାଲିଆପାଳ ବ୍ଲକ ଛକ ନିକଟ ଏସ୍ କେ ଜି ସାରସ୍ୱତ ଟ୍ରଷ୍ଟ ଓ ପାଠାଗାର ସମ୍ମିଳନୀ କକ୍ଷରେ ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ ଙ୍କ ଲିଖିତ ପୁସ୍ତକ ' ଟିକି ସାରଙ୍କ ଟିକି କଥା ' ଉନ୍ମୋଚନ କରି ଅତିଥି ମାନେ ଉପରୋକ୍ତ ମତ ବ୍ୟକ୍ତ କରିଛନ୍ତି ।ଉତ୍ସବ ରେ ବସ୍ତା ସାହିତ୍ୟ ସଂସ୍କୃତି କଳା ପରିଷଦର ସଭାପତି ତଥା ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଜୟନ୍ତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି, ଲତାଯୋଡ଼ି ସଂସ୍କୃତ କଲେଜ ଅଧ୍ୟକ୍ଷ ପଣ୍ଡିତ ପ୍ରିୟବ୍ରତ ପଣ୍ଡା ମୁଖ୍ୟ ବକ୍ତା ,ସମ୍ମାନୀତ ଅତିଥି ଭାବରେ ସୁସାହିତ୍ୟକ ସୁବାସ ଚନ୍ଦ୍ର ଚୌଧୁରୀ , କବି କଥାକାର ନଳିନୀ କାନ୍ତ ପାଢ଼ୀ ପ୍ରମୁଖ ଯୋଗଦେଇ ଉଦବୋଧନ ପ୍ରଦାନ କରିଥିଲେ ।ଟ୍ରଷ୍ଟ ର ମୁଖ୍ୟ ଅଧ୍ୟାପକ ଡ଼ଃ ସୁକାନ୍ତ ଗିରି ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏହି ଉତ୍ସବ ରେ ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟିର ସମ୍ପାଦକ ଗୋପାଳ କୃଷ୍ଣ ବିଶ୍ୱାଳ ପ୍ରାକ ସୂଚନା ବିବରଣୀ ,ଅଧ୍ୟାପକ ପ୍ରଦୀପ କୁମାର ଦାସ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଗାୟକ ଗୀତିକାର ରାମ କୃଷ୍ଣ ଦାସ ଅଧିକାରୀ, ବର୍ଷିୟାନ କବି ସୁରେନ୍ଦ୍ର ପରିଡା,ବିଜୟ କୁମାର ପାତ୍ର,ସେକ ନିମାଜୀ ,ଭୀମ ଚରଣ ବେହେରା, ପ୍ରାକ୍ତନ ଅଧ୍ୟାପକ ବୀର ମାଧବ ଦାସ,ଉମେଶ ଚନ୍ଦ୍ର ପାତ୍ର, ଯୁବ କବି ନବ କୁମାର ଦାସ, ସୁମନ କୁମାର ମହୁରୀ,ନଗେନ୍ଦ୍ର ନାଥ ପ୍ରଧାନ , ଅଳକା ମଞ୍ଜୁରୀ ଦାସ , ସାମ୍ବାଦିକ ପ୍ରିୟଦର୍ଶୀ ବ୍ରହ୍ମସି , ସାମ୍ବାଦିକା ପ୍ରତିମା ଜେନା ,ରଞ୍ଜନ କୁମାର ବେହେରା , ଗୋପାଳ ଚନ୍ଦ୍ର ସାହୁ, ଦିଲ୍ଲୀପ କୁମାର ଦାସ ପ୍ରମୁଖ ଏହି ଅବସରରେ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସାମ୍ବାଦିକ ରବି ରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆବଜାରରେ ଭୀଷଣ ଅଗ୍ନିକାଣ୍ଡ

ବାଲେଶ୍ୱର, ୧/୦୬ (ନି.ପ୍ର): ଜନଗହଳି ପୂର୍ଣ୍ଣ ନୂଆବଜାର ଅଞ୍ଚଳର ଏକ ହୋଟେଲରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟି ଆଖପାଖ ଦୋକାନକୁ ବ୍ୟପୀଥିଲା। ରାତି ପ୍ରାୟ୮ଟା ବେଳେ ଏହି ନିଆଁ ଲାଗିଥିଲା। ଖବର ପାଇ ଅଗ୍ନିଶମ ବିଭାଗ, ପୁଲିସ ଓ ବିଦ୍ୟୁତ କର୍ମଚାରୀଙ୍କ ସମେତ ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିଥିଲେ। ହୋଟେଲ ପାର୍ଶ୍ୱରେ ଥିବା ନର୍ସରୀରେ ଗଛଚାରା ନଷ୍ଟ ହେବା ସାଙ୍ଗକୁ ଏକ ଗାଇ ଓ ୨ଟି ବାଛୁରୀ ନିଆଁରେ ପୋଡ଼ି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ସବୁଠାରୁ ବଡ଼କଥା ହେଲା ଏହି ନିଆଁ ହୋଟେଲରୁ ଲାଗି ପାଖ ଦୋକାନକୁ ବ୍ୟାପୀଥିଲା। ନିଆଁରେ ଗ୍ୟାସ ସିଲିଣ୍ଡର ଫାଟିଥିବା ଜଣାଯାଇଛି। ଖବର ପାଇ ଏସପି ସାଗରିକା ନାଥ ଓ ସଦର ବିଧାୟକ ସ୍ୱରୂପ ଦାସ ଘଟଣାସ୍ଥଳ ଅନୁଧ୍ୟାନ କରିଛନ୍ତି।

# ପିଇଓ ବଦଳାଇଦେଲେ ବିକାଶର ନକ୍ସା

## ଦାମଦୋରଗୁଡା ଗାଁ ଲୋକଙ୍କ ପୂରଣ କଲେ ସ୍ୱପ୍ନ

ମାଲକାନଗିରି, ୧/୦୬ (ନି.ପ୍ର): ବିକାଶ ଦେଖିନଥିବା ଏବଂ ଗାଁରେ ଅଭିଶପ୍ତ ଜୀବନ ନେଇ ବଂଚୁଥିବା ଲୋକଙ୍କ ପାଇଁ ପାନୀୟ ଜଳ , ରାସ୍ତାଘାଟ , ବିଦ୍ୟୁତ ଭଳି ମୌଳିକ ସୁବିଧା ଯେପରି ସାତ ସପନ ଲାଗି ରହିଥିଲା । ସଦର ଠାରୁ ମାତ୍ର ୬ କିଲୋମିଟର ଦୂରରେ ଥିବା ଗାଁ ସରକାରୀ ଦସ୍ତାବିଜ ତଳେ ଚାପି ହୋଇ ରହିଥିଲା । ପ୍ରତିବାଦ କରି ସ୍ୱର ସାଣିତ କରିବା ଲୋକେ ମଧ ଥରୁଟିଏ ପ୍ରଶାସନ ନିକଟରେ ପହଂଚି ବାଟ ଫିଟାଇବାକୁ କହିନଥିଲେ ।ହେଲେ ଆଖି ପଡିଲା ପିଇଓଙ୍କୁ । ସରପଂଚଙ୍କୁ ଧରି ପାଦରେ ଚାଲି ଗାଁରେ ପହଂଚି ମାସକ ମଧରେ ଗାଁର ନକ୍ସା କରିଛନ୍ତି ପରିବର୍ତ୍ତନ । ତାହାପୁଣି ବିକାଶର ନକ୍ସା । ମୌଳିକ ସୁବିଧାକୁ ଗୁରୁତ୍ୱ ଦେଇ ସୋ ଲାର ପ୍ରକଳ୍ପ ମାଧମରେ ଗାଁରେ ଲାଗିଛି ବିଦ୍ୟୁତ । ଏପଟେ ପାନୀୟ ଜଳର ବ୍ୟବସ୍ଥା ମଧ କରିଛି ପଂଚାୟତ । ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଦାମଦୋରଗୁଡା ଗାଁର ଅଭିଶପ୍ତକୁ ଛେଦ କରି ବିକାଶର ବାଟ ଫିଟାଇଛନ୍ତି ମାଥିଲି ପିଇଓ ଅଶୋକ ମହାରଣା ।ତେବେ ପିଇଓ ମହାରଣାଙ୍କ ସମସ୍ତ ଯୋଜନାକୁ ସମର୍ଥନ କରି ଗାଁରେ ବିକାଶ ତୋଳିବାକୁ ମାଥିଲି ସରପଂଚ କାନାମରାଜୁ ନାୟକ ମଧ ସହଯୋଗ କରିଛନ୍ତି । ଦାମଦୋରଗୁଡା ଗାଁ ଦୀର୍ଘଦିନରୁ ସରକାରୀ ମୌଳିକ ସୁବିଧାରୁ ବଂଚିତ ହୋଇଥିଲା ।ଦଶନ୍ଧି ଦଶନ୍ଧି ପରେ ମଧ ଗାଁରେ ସରକାରୀ ସୁବିଧା ପାଇବାକୁ ସ୍ୱପ୍ନ ଦେଖିବାକୁ ମିଳିଥିଲା ।ହେଲେ ଗାଁ ସମ୍ପର୍କରେ ଜାଣିବା ପରେ ବିକାଶ ତୋଳିଛି ପଂଚାୟତ । ପ୍ରଥମେ ଗାଁରେ ବିଦ୍ୟୁତ ପାଇଁ ସୋ ଲାର ପ୍ରକଳ୍ପ ଆରମ୍ଭ କରିଥିଲା ।ଏଥିରୁ ସୁବିଧା ପାଇ ଗାଁ ଲୋକେ ଅନ୍ଧାରରୁ ଆଲୋକର ମଜା ନେଇଛନ୍ତି । ସେହିପରି ଏକ ସୋଲାର ମୋଟର ମାଧମରେ ଚୂଆକୁ ବିଶୁଦ୍ଧ କରି ପିଇବା ପାଣିର ବ୍ୟବସ୍ଥା ହୋଇଛି । ଆଗାମୀ ଦିନରେ ଗାଁରେ ବିଭିନ୍ନ ପ୍ରକଳ୍ପ ରଖି ବିକାଶର ମୁଖ୍ୟସ୍ରୋତ ରେ ସାମିଲ କରିବାକୁ ଉଦ୍ୟମ ଜାରି ରଖିଥିବା ମାଥିଲି ପିଇଓ ଅଶୋକ ମହାରଣା କହିଛନ୍ତି । ସେହିପରି ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ପଂଚାୟତରେ ବିଭିନ୍ନ ପ୍ରକଳ୍ପ ରଖି ଲୋକଙ୍କୁ ବିକାଶ ପଥରେ ନିଆଯିବ ବୋଲି ମାଥିଲି ସରପଂଚ କାନାମରାଜୁ ନାୟକ ସୂଚନା ଦେଇଛନ୍ତି । ଅଭିଶପ୍ତ ଗାଁରେ ବିକାଶ ଦେଖାଇଥିବା ପିଇଓ ମହାରଣାଙ୍କୁ ସ୍ଥାନୀୟ ଲୋକେ ଖୁବ ପ୍ରଂଶସା କରି ଛନ୍ତି !

# ନିଖୋଜ ନାବାଳିକାର ଶବ ଉଦ୍ଧାର: ହତ୍ୟା ଅଭିଯୋଗରେ ରାସ୍ତାରୋକ

କନ୍ଧମାଳ, ୧/୦୬ (ନି.ପ୍ର): ଫୁଲବାଣୀ ସହର ନାରାୟଣୀ ମନ୍ଦିର ନିକଟରେ ଥିବା ଏକ ନବ ନିର୍ମାଣ ଘର ଭିତରେ ଥିବା ଏକ କୋଠରୀ ଭିତରେ ଜଣେ ୯ ବର୍ଷ ର ନାବାଳିକାର ଶବ ଜବତ କରିଛି ଫୁଲବାଣୀ ଟାଉନ ଥାନା ପୁଲିସ । ଘର ଭିତରେ ଲିଫ୍ଟ ରୁମ୍ ରେ ଥିବା ପ୍ରାୟ ୪ ଫୁଟ ପାଣି ଭିତରେ ଶବଟି ଭାସୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି । ଆଜି ସେଠାରେ ଶବଟି ଭାସୁଥିବା ନେଇ ଖବର ପାଇ ପୋଲିସ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଂଚି ଛାନଭିନ୍ ଆରମ୍ଭ କରିଛି ।ତେବେ ଶବକୁ ଜବତ କରି ବ୍ୟବଛେଦ ନିମନ୍ତେ ପଠାଇବା ସହ ଟାଉନ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ମୃତକ ଜଣକ ନାରାୟଣୀ ରୋଡ ନିକଟସ୍ଥ ରୁଗୁଡି ସାହିର ରାଘବ ବେହେରାଙ୍କ ଝିଅ ସାନି ବେହେରା(୯)ବୋଲି ଜଣାପଡିଛି । ସାନି ଗତ ସୋମବାର ଠାରୁ ନିଖୋଜ ଥିବା ନେଇ ପିତା ରାଘବ ଫୁଲବାଣୀ ଟାଉନ ଥାନାରେ ଏକ ଅଭିଯୋଗ କରି ଥିଲେ । ଅଭିଯୋଗ ପ୍ରକାରେ ପୋଲିସ୍ ତଦନ୍ତ ଆରମ୍ଭ କରିଥିବା ସହ ସାନିକୁ ଖୋଜାଖୋଜି କରୁଥିଲା । ଆଜି ତାର ଶବ ଉଦ୍ଧାର ହେବା ପରେ ତାର ପରିବାର ଏବଂ ଅଂଚଳ ବାସୀ,ଏହାକୁ ଏକ ହତ୍ୟା କାଣ୍ଡ ବୋଲି ଅଭିଯୋଗ କରିବା ସହ ସ୍ଥାନୀୟ ମାଦିକୁନ୍ଦା ଛକଠାରେ ଘଟଣା ର ଅଭିଯୁକ୍ତକୁ ଗିରଫ ଏବଂ କ୍ଷତି ପୂରଣ ଦାବୀରେ ରାସ୍ତା ରୋକ କରିଥିଲେ । ଫଳରେ ଫୁଲବାଣୀ ସହରକୁ ବେଶ୍ କିଛି ସମୟ ପାଇଁ ଯାତାୟତ ବାଧା ପ୍ରାପ୍ତ ହୋଇଥିଲା । ପୋଲିସ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଝାସୁଝା କରିବା ପରେ ରାସ୍ତା ରୋକ ହଟିଥିଲା । ତେବେ ଏହା ଏକ ହତ୍ୟା କି ଦୁର୍ଘଟଣା ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ହିଁ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

# କର୍ଲାପିଟା ଗ୍ରାମରେ ୬୦ ଘର ଡୁମାଲ ସମାଜର ପିତୃ ମାତୃ ଚରଣ ବନ୍ଦନା କାର୍ଯ୍ୟକ୍ରମ ଓ ମନ୍ଥନ ସଭା ଅନୁଷ୍ଠିତ

ବଲାଙ୍ଗିର, ୧/୦୬ (ନି.ପ୍ର): ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ କର୍ଲାପିଟା ଗ୍ରାମରେ ଲେହେରୁ ମହାକୁରଙ୍କ ସଭାପତିତ୍ୱରେ ପିତୃମାତୃ ଚରଣ ବନ୍ଦନା ଓ ଗ୍ରାମ୍ୟ ମନ୍ଥନ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ଆଇନଜିବୀ ଜଗନ୍ନାଥ କରନ ଯୋଗ ଦେଇ ଜାତି ଆଧାରିତ ସମାଜରେ ସ୍ୱଚ୍ଛ ସାମ୍ବିଧାନିକ, ଗଣତାନ୍ତ୍ରିକ ପ୍ରକ୍ରିୟା, ଜନମତ ର ସମ୍ମାନ ସହ ଉଭୟ ମହିଳା ଓ ପୁରୁଷ ଲୋକମାନଙ୍କର ସାମାଜିକ କାର୍ଯ୍ୟରେ ସିଧା ଭାଗିଦାରି ର ସୁଯୋଗ ସୃଷ୍ଟି କରିବାକୁ ହେବ ବୋଲି ସଭାରେ ଆହ୍ୱାନ ଦେଇଥିଲେ । ଚିରାଚରିତ ଜାତି ଆଧାରିତ ସମାଜରେ ନ୍ୟାୟର ପ୍ରକ୍ରିୟା ଓ ବିବିଧ ବିବାଦର ସମାଧାନ ପ୍ରକ୍ରିୟାରେ ପରିବର୍ତନ ଦରକାର, ନ ହେଲେ ନିରିହ ଦଣ୍ଡ ଭୋଗୁଥିବା ଦୁର୍ବଳ, ଅସହାୟ ତଥା ଅବହେଳିତ ମହିଳା ଓ ପୁରୁଷମାନଙ୍କ ପାଇଁ ଏକ ସ୍ୱଚ୍ଛ ନିତି ନିୟମକୁ ସ୍ୱଚ୍ଛତାର ସହ ପାଳନ କରିବାର ଆବଶ୍ୟକ ଅଛି ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ସତ୍ୟବାଦି ପଧାନ, ପ୍ରକାଶ ମେର୍ଲି, ରମାକାନ୍ତ ପ୍ରଧାନ, ଇଶ୍ୱର କରନ, ବ୍ୟାସଦେବ ଦେହୁରି, ଗୁରୁଦେବ କର୍ମୀ, ଟିକେଶ୍ୱର କର୍ମୀ, ଢେକଲ ପ୍ରଧାନ, ପୁରୁ କର୍ମୀ, ରାମଚନ୍ଦ୍ର ପ୍ରଧାନ, ବରୁଣ ବଘାର, ତିର୍ଥ ପ୍ରଧାନ, ପୁରୁଷୋତମ କର୍ମୀ, ବେଣୁଧର ଗଡୁଆ, ଅଭି ପ୍ରଧାନ, ତିର୍ଥ କର୍ମୀ, ଘାସି କ୍ଷେତି, ଦିନବନ୍ଧୁ କର୍ମୀ, ସୁବନ ପଧାନ, ବିରେନ୍ଦ୍ର ପଧାନ ଆଲୋଚନା ରେ ଭାଗ ନେଇ ନିଜସ୍ୱ ମତ ରଖିଥିଲେ । ଜାତି ସ୍ୱଭିମାନକୁ ଉଚ୍ଚ ରେ ରଖି ସମାଜ ପାଇଁ ଶ୍ରେଷ୍ଠ ସହଯୋଗୀ ହୋଇ ଯୁବକ ଓ ମହିଳାଙ୍କ ମନୋବଳ ବୃଦ୍ଧି ସହ ସମାଜର ସାମୁହିକ ବିକାଶ କାମରେ ସମସ୍ତଙ୍କର ଶ୍ରେଷ୍ଠ ସହଯୋଗ ର ଆବଶ୍ୟକତା ଅଛି, ତେବେ ଯାଇ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମୁହିକ ବିକାଶ କ୍ଷେତ୍ରରେ ନିର୍ଦ୍ଧିଷ୍ଟ ସମୟ ଭିତରେ ବିକାଶର ଶିର୍ଷ ସ୍ତରକୁ ସମାଜ ପହଞ୍ଚ ପାରିବ । ଏହି ସଭାକୁ ସଫଳ କରିବା ପାଇଁ ଭାଗ୍ୟବତୀ ମହାକୁର, ରାହି କ୍ଷେତି, ଭାର୍ଗବୀ ଖମାରି, ଲବଙ୍ଗ କ୍ଷେତି, ତୁଳସି ପ୍ରଧାନ, ରାମ୍ପା ପଧାନ, ଅର୍ପିତା ପଧାନ, ରୀନା ଗଡୁଆ, ସତ୍ୟ କ୍ଷେତି, ଚୌବନ ଗଡୁଆ, ମନମୋହନ କର୍ମୀ, କାଶୀ କ୍ଷେତି, ଟିକେଚନ କ୍ଷେତି, ମିଂଜନ ଗଡୁଆ, ଗୋପିନାଥ ଖମାରି, ଶମ୍ଭୁ କର୍ମୀ, ଶେଷଦେବ କର୍ମୀ, ଚମରା ମହାକୁର, କନ୍ଦର୍ପ କ୍ଷେତି, ସହଦେବ ପଧାନ, ଅର୍ଚ୍ଛ କ୍ଷେତି, ବିଣା ପଧାନ, ଇନ୍ଦ୍ର ପଧାନ, ପବିତ୍ର ପଧାନ, ଅଙ୍ଗଦ ପଧାନ, ବିଜୟ ପଧାନ, ଅଖିଳ ପଧାନ, ଅଚ୍ୟୁତାନନ୍ଦ ପଧାନ, ଦୟାନିଧି ପଧାନ, ତେଜ ପଧାନ, ବୃନ୍ଦାବତି ଗଡୁଆ, କଲ୍ୟାଣି ଗଡୁଆ, କବିତା ପଧାନ, ବିକାଶ କ୍ଷେତି, ଆକାଶ ଖମାରୀ, ବ୍ରହ୍ମା ଷଡଙ୍ଗି, ପିଙ୍କୁ ପଧାନ, ଗୌରାଙ୍ଗ ବାଗ ତଥା କର୍ଲାପିଟା,ଢୁଲୁସର, ବରପିଟା, କେର୍ମେଲି, ଆଡେନଡୁଙ୍ଗୁରି, ଶିବତଲା, ଫଟକରା ଗ୍ରାମରୁ ଏବଂ ଜିଲ୍ଲାର ବିଭିନ୍ନ ବ୍ଲକ ରୁ ଶତାଧିକ ମହିଳା ଓ ପୁରୁଷ ଯୋଗ ଦେଇ ମନ୍ଥନ ସଭାକୁ ସଫଳ କରିଥିଲେ ।

# ଜିଲାସ୍ତରୀୟ ମିଳିତ ଅମଲା ମଂଚର ବୈଠକ

ନୂଆପଡ଼ା, ୧/୦୬ (ନି.ପ୍ର): ଅମଲାଙ୍କ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପ୍ରତିବାଦରେ ଆନ୍ଦୋଳନ କାର୍ଯ୍ୟକ୍ରମ । ଓଡ଼ିଶାରେ କାର୍ଯ୍ୟରତ ଜିଲାସ୍ତରୀୟ ଅମଲାମାନଙ୍କ ଦାବି ପୂରଣ କରିବାରେ ରାଜ୍ୟ ସରକାରଙ୍କ କ୍ରମାଗତ ଉଦାସୀନତା ପ୍ରତିବାଦରେ ବାଧହୋଇ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଜିଲାସ୍ତରୀୟ ଅମଲା ସଙ୍ଗଠନ ଏକତ୍ରିତ ହୋଇ ଜିଲାସ୍ତରୀୟ ମିଳିତ ଅମଲା ମଂଚ ଗଠନ କରାଯାଇଥିଲା । ଗତ ତା.୦୯.୦୪.୨୦୨୩ରେ ଭୁବନେଶ୍ୱରର ଗୀତଗୋବିନ୍ଦ ଭବନ ଠାରେ ନିଷ୍ପତି ନେଲେ ଯେ, ରାଜ୍ୟର ୩୦ ଗୋଟି ଜିଲାର ଜିଲାପାଳଙ୍କ ମାଧମରେ ମୁଖ୍ୟମନ୍ତ୍ରୀଙ୍କୁ ଜିଲାସ୍ତରୀୟ ଅମଲାମାନଙ୍କର ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ହାରରେ ଦରମା ସମୀକରଣ କରି ଦରମା ହାର ଲେବୁଲ୍-୪ରୁ ଲେବୁଲ-୯କୁ ଉନ୍ନୀତ କରିବା ପାଇଁ ଏକ ସ୍ମାରକପତ୍ର ତା.୨୧.୦୪.୨୦୨୩ ରେ ପ୍ରଦାନ କରାଯାଇଥିଲା । ଏଥିରେ ଏପ୍ରିଲ ୩୦ ତାରିଖ ମଧରେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ନ ପାଇବାରୁ ମଇ ମାସ ୧ ତାରିଖ ଦିନ ଜିଲାସ୍ତରୀୟ ମିଳିତ ଅମଲା ମଂଚ ରାଜ୍ୟ ଶାଖା ପକ୍ଷରୁ ଏକ ଚରମ ପତ୍ର ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରାଯାଇଥିଲା । ନିଷ୍ପତି ଅନୁଯାୟୀ ରାଜ୍ୟ ସରକାରଙ୍କୁ ମେ ମାସ ୨୧ ତାରିଖ ସୁଦ୍ଧା ଜିଲାସ୍ତରୀୟ ଅମଲାଙ୍କ ଦାବି ପୂରଣ କରିବାପାଇଁ ଅନୁରୋଧ କରାଯାଇଥିଲା । ଯଦି ଧାର୍ଯ୍ୟ ସମୟସୀମା ମଧରେ ରାଜ୍ୟ ସରକାର ଜିଲାସ୍ତରୀୟ ଅମଲାମାନଙ୍କ ଦାବି ପୂରଣ ନେଇ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ ନ କରନ୍ତି, ତେବେ ମେ ମାସ ୨୨ ତାରିଖ ଠାରୁ ମେ ମାସ ୩୧ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ୍ ପରିଧାନ କରାଯାଇଥିଲା ଏବଂ ତା.୦୧.୦୬.୨୦୨୩ ଠାରୁ ଓଡ଼ିଶାରେ କାର୍ଯ୍ୟରତ ସମସ୍ତ ବିଭାଗର ଜିଲାସ୍ତରୀୟ ଅମଲା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳପାଇଁ ସମୂହ ଛୁଟିରେ ଯିବେ ବୋଲି ମିଳିତ ଅମଲା ମଂଚର ରାଜ୍ୟ ଅଧକ୍ଷ ନାରାୟଣ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ।ପ୍ରକାଶ ଥାଉକି, ଦୀର୍ଘବର୍ଷ ହେଲା ଅମଲାମାନଙ୍କର ବେତନରେ ଥିବା ଅସଙ୍ଗତିକୁ ଦୂର କରିବାରେ ରାଜ୍ୟ ସରକାର ଜାଣିଶୁଣି ଅଣଦେଖା ଓ ଅବହେଳା କରି ଚାଲିଛନ୍ତି । ଏହାଦ୍ୱାରା ଅମଲାମାନଙ୍କ ମନରେ ଘୋର ନୈରାଶ୍ୟଭାବ ଓ ଅସନ୍ତୋଷ ଦେଖାଦେଇଛି । ଯାହାର ଫଳସ୍ୱରୂପ ଆଗାମୀ ଦିନରେ ଏକ ବିଶାଳ ଅମଲା ଆନ୍ଦୋଳନ ମୁଣ୍ଡ ଟେକିବାକୁ ଯାଉଛି । ଏହାର ପରିଣାମ ନିଶ୍ଚିତ ଭାବରେ ରାଜ୍ୟ ସରକାରଙ୍କ ପାଇଁ କ୍ଷତି ପହଂଚାଇବା ସହିତ ଜନସାଧାରଣ ମଧ ଘୋର ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି ।ଏଥିରେ କ୍ଷୋଭ ପ୍ରକାଶକରି ଅଧକ୍ଷ ଦାସ ପ୍ରକାଶ କରିଥିଲେ । ଏହା ଜିଲ୍ଲାସ୍ତରୀୟ ଅମଲାଙ୍କର ପେଟପାଟଣାର କଥା ଓ ଆତ୍ମସମ୍ମାନର କଥା ଏବଂ ସରକାରଙ୍କ ଦ୍ୱାରା ବାରମ୍ବାର ପ୍ରତାରିତ ହେବାପରେ ଏଭଳି ଏକ ଚରମ ପଦକ୍ଷେପ ନେବାକୁ ଆମେ ବାଧ ହେଉଅଛୁ ।ଏହି ଆନ୍ଦୋଳନରେ ୧୭ ଟି ବିଭାଗର ୧୧୪ ଅନୁଷ୍ଠାନର ୨୯୨ ଅମଲା ସାମିଲ ହେବେ ଏବଂ ଏହି ବିଭାଗ ଅଧୀନରେ ଆସୁଥିବା ସମସ୍ତ ଜନହିତକର ଯୋଜନା ତୃଣମୂଳ ସ୍ତରରେ ବ୍ୟାହତ ହେବ ଏବଂ ରାଜ୍ୟ ସରକାର ଏଥିପାଇଁ ଦାୟୀ ରହିବେ ।

# ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡା, ୧/୦୬ (ନି.ପ୍ର): କେନ୍ଦ୍ରାପଡାର ଆରାଧ ଦେବ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଆଗାମୀ ରଥଧାତ୍ରା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ପରିଷଦ ଅଧକ୍ଷା ଗୀତାଞ୍ଜଳୀ ସେଠୀ, ଏସ୍‌ପି ସନ୍ଦିପ ସମ୍ପଦ ମଡକର, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର (ରାଜସ୍ୱ), ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ତହସିଲଦାର ଅଞ୍ଜଳୀ ତରାଇ, ପୌରସଂସ୍ଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳଙ୍କ ସମେତ ଶ୍ରୀ ବଳଦେବଜୀଉ ଦେବୋତର ସଂସ୍ଥାର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ପୂର୍ବତନ ପୌରାଧକ୍ଷ ଧିରେନ ସାହୁ, ହିରଣ୍ୟ ପଣ୍ଡା, ଯଜାତି କେଶରୀ ମହାନ୍ତି, ଗଗନ ପତ୍ରୀ, ନୃସିଂହ ପ୍ରସାଦ ପତ୍ରୀଙ୍କ ସମେତ ସମସ୍ତ ବିଦ୍ୟୁତ୍ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ରଥ ଗଠନ ସମେତ ରଥଯାତ୍ରା ଓ ବାହୁଡା ଯାତ୍ରା ନୀତି ନିର୍ଘଣ୍ଟ, ରାସ୍ତାଘାଟ ମରାମତି, ଅନବରତ ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ଡ୍ରେନ ସଫା, ସ୍ୱାସ୍ଥ୍ୟସେବା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ପ୍ରଦର୍ଶନୀ, ସୂଚନା କେନ୍ଦ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା, ସୁରକ୍ଷା ବ୍ୟବସ୍ଥା ସଂପର୍କରେ ଆଲୋଚନା କରାଯାଇ ଥିଲା । ଏହା ସହିତ ଗତ ବର୍ଷ ରଥ ଚାଳନାକୁ ନେଇ ଘଟିଥିବା ବିଶୃଙ୍ଖଳାକୁ ଦୃଷ୍ଟିରେ ରଖି ଏହାର ପୁନରାବୃତି ନହେବା ପାଇଁ ଗୁରୁତ୍ୱାରୋପ କରାଯାଇ ଥିଲା । ରଥ ଚଳାଇଲା ବେଳେ କେବଳ ଡାହୁକ ଓ ସେବାୟତ ମାନଙ୍କ ନିର୍ଦ୍ଦେଶରେ ରଥ ଚଳାଇବା ପାଇଁ ନିଷ୍ପତି ନିଆଯାଇଛି । ଜୁନ ୨୦ ତାରିଖରେ ଶ୍ରୀଗୁଣ୍ଡିଚା ପଡୁ ଥିବାରୁ ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି ବୈଠକର ନିଷ୍ପତି କାର୍ଯ୍ୟକାରୀ ପାଇଁ ଗୁରୁତ୍ୱାରୋପ କରାଯାଇଥିଲା ।

## ଗଞ୍ଜେଇ ଚାଲାଣ ବେଳେ ଚଢ଼ାଉ: ୩ ଗିରଫ

ଜୟପୁର, ୧/୦୬ (ନି.ପ୍ର): ଗଞ୍ଜେଇ ଚାଲାଣ ବେଳେ ଜୟପୁର ସଦର ପୋଲିସ ଚଢାଉ କରିଛି । ଏହି ମାମଲାରେ ୩ ଜଣକୁ ଗିରଫ କରିଛି । ଜୟପୁର ସଦର ଥାନା ଅନ୍ତର୍ଗତ ପାତ୍ରପୁଟ ଠାରେ ଚଢାଉ କରିଥିଲା । ଟିଭିଏସର ସ୍କୁଟିରେ ଜଡମ୍ବା ଗ୍ରାମରୁ ୩୩ କେଜି ଗଞ୍ଜେଇ ଆଣି ଚାଲାଣ କରୁଥିଲେ । ଅଧିକା ଦରରେ ବିକ୍ରୟ ପାଇ ରାୟପୁର ଚାଲାଣ କରୁଥିବା ପୋଲିସ ତଦନ୍ତ ଜାଣିବାକୁ ପାଇଛି । ଚଢାଉ କରି ୩୩ କେଜି କେଜି ଗଞ୍ଜେଇ, ସ୍କୁଟି ଗାଡି, ୨ଟି ମୋବାଇଲ ଜବତ କରି ୩ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ୩ ଅଭିଯୁକ୍ତ ହେଲେ ନବରଙ୍ଗପୁର ଜିଲା ଧଣ୍ଡରା ଗ୍ରାମର ଅଭୟ ହରିଜନ (୨୧) ବୋରିଗୁମ୍ମା ଥାନା ପୋଡାଗୁଡା ଗ୍ରାମର ରଘୁ ନାଥ ହରିଜନ (୨୩) ମାଲକାନଗିରି ଜିଲାର ତବଲାଗୁଡା ଗ୍ରାମର ଗୁରୁ ମୁତି ହନ୍ତାଲ (୨୦) ।୩ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଥିବା ସଦର ଥାନା ଅଧିକାରି ଈଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

# ମନ୍ଦିର ଉନ୍ନତିକରଣରେ ବଲାଙ୍ଗିରକୁ ଅଣଦେଖା

ବଲାଙ୍ଗିର, ୧/୦୬ (ନି.ପ୍ର): ବଲାଙ୍ଗିର ସ୍ଥାନୀୟ ଯାଦବ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟବ୍ୟାପି ଦେବାଳୟମାନଙ୍କ ଉନ୍ନତିକରଣ କରାଯାଉଥିବା ବେଳେ ବଲାଙ୍ଗିର ର ଦେବାଳୟମାନଙ୍କୁ ପାତର ଅନ୍ତର କରାଯାଉଛି ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ ଦେବାଳୟ ସୁରକ୍ଷା କମିଟିର ଆବାହକ ପ୍ରଶାନ୍ତ ମହାକୁର, ସୂଚନାକର୍ମୀ ଶମ୍ଭୁ ପ୍ରସାଦ ଶତପଥି, ସିନିୟର ସିଟିଜନ ସଭାପତି ପ୍ରଭାକର ମିଶ୍ର, ସମଲେଇ ମନ୍ଦିରର ଆଳତି କମିଟିର ସଭାପତି ବିକାଶ ସା ସୂଚନା ପ୍ରଦାନ କରିଛନ୍ତି । ଐତିହ୍ୟ ସମ୍ପନ୍ନ ବଲାଙ୍ଗିର ସହର । ଏଠାରେ ଭକ୍ତଙ୍କ ଭକ୍ତି ଅଭାବ ନାହିଁ । କିନ୍ତୁ ପ୍ରଶାସନିକ ଅବହେଳା ଦେଖାଦେଇଛି । ଦିନେ ଦୁଇ ଦିନ ନୁହେଁ, ବର୍ଷ ବର୍ଷ ଧରି ଅବହେଳା କରାଯାଉଛି । ଯାହାର ନଗ୍ନ ଉଦାହରଣ ବଲାଙ୍ଗିର ଦେବୋତର ବିଭାଗ ଅଧୀନରେ ଥିବା ପ୍ରମୁଖ ଦେବାଳୟ । ଏହି ଦେବାଳୟ ଗୁଡ଼ିକର ଅବସ୍ଥା ଆଦୌ ଠିକ ନାହିଁ । ବଲାଙ୍ଗିର ଉପଜିଲାପାଳ ତଥା ଦେବୋତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଗୋପାଳଜୀ ମନ୍ଦିରର ଉନ୍ନତି ପାଇଁ ୪ଟି ପ୍ରସ୍ତାବ ବଯାଇଥିଲା । ଏହାର ଏଷ୍ଟିମେଟ ୧୭ ଲକ୍ଷ ୮୦ ହଜାର ୨୭୪ ଟଙ୍କା ଥିଲା । ଏଥିରେ ମନ୍ଦିର ପୂଜାରୀଙ୍କ ଆବାସିକ ଘର ନିର୍ମାଣ ପାଇଁ ୪ ଲକ୍ଷ ୮୨ ହଜାର ୮୨ ଟଙ୍କା, ମନ୍ଦିରର ଭିତର ବାହାରର ବିଭିନ୍ନ କାର୍ଯ୍ୟ ପାଇଁ ୨ ଲକ୍ଷ ୯୯ ହଜାର ୬୩୨ ଟଙ୍କା, ୪ ଲକ୍ଷ ୯୮ ହଜାର ୯୩୬ ଟଙ୍କା ଓ ୪ ଲକ୍ଷ ୯୯ ହଜାର ୫୯୭ ଟଙ୍କା ବିଭିନ୍ନ କାର୍ଯ୍ୟ ପାଇଁ ଏଷ୍ଟିମେଟ କରାଯାଇଥିଲା । ଏହା ହେଉଛି ୨୦୨୨ ମସିହା ଜୁଲାଇ ୧୫ ତାରିଖରେ ଦିଆଯାଇଥିବା ପ୍ରସ୍ତାବ । ମା' ପାଟଣେଶ୍ୱରୀ ମନ୍ଦିରର ମରାମତି କାର୍ଯ୍ୟ ପାଇଁ ୩ ଟି ପ୍ରସ୍ତାବ ଯାଇଥିଲା । ଏଥିରେ ସିସି ଫ୍ଲୋରିଂ,ପେଟିଂ ଓ ଏସଏସ ରେଲିଂ ପାଇଁ ୪ ଲକ୍ଷ ୮୯ ହଜାର ୩୮୪ ଟଙ୍କା, ଷ୍ଟିଲ କଲର ସିଟ୍ ରୁଫିଙ୍ଗ ପାଇଁ ୮୬ ହଜାର ୧୦୨ ଟଙ୍କା ଓ ମନ୍ଦିରର ଝରକା, କବାଟ ଓ ପାର୍କିଂ ଅଂଚଳରେ ପେଭର ବ୍ଲକ ପାଇଁ ୪ ଲକ୍ଷ ୮୬ ହଜାର ୩୧୨ ଟଙ୍କା ଏଷ୍ଟିମେଟ ଗତ ୨୦୨୨ ମସିହା ଜୁନ ୧୬ ତାରିଖରେ ଉପଜିଲାପାଳ ଦେବୋତର କମିଶନରଙ୍କୁ ଏଷ୍ଟିମେଟ ପ୍ରସ୍ତବର ମଞ୍ଜୁରୀ ପାଇଁ ଦେଇଥିଲେ । କିନ୍ତୁ ସବୁକିଛି ଫାଇଲରେ ପଡିରହିଛି । ସେହିପରି ମା' ସମଲେଶ୍ୱରୀଙ୍କ ମନ୍ଦିରରେ ୧୦ ଲକ୍ଷ ଟଙ୍କାର ଏପ୍ରୋଭାଲ ହେଲା ବୋଲି ଚିଠି କରି କୁହାଗଲା । କିନ୍ତୁ ସେହି ଟଙ୍କାରେ ସେଭଳି କିଛି ଆଖି ଦେଖାଗଲା ଭଳି କାର୍ଯ୍ୟ କରାଗଲା ନାହିଁ । ତେବେ ବଲାଙ୍ଗିର ଦେବେତର ବିଭାଗ ତରଫରୁ ଯେଉଁ ପ୍ରସ୍ତାବ ଗୁଡ଼ିକ ମଞ୍ଜୁରୀ ପାଇଁ ପଠାଯାଉଛି ତାକୁ କାହିଁକି ଗୁରୁତ୍ୱ ପ୍ରଦାନ କରାଯାଉନାହିଁ ? ବଲାଙ୍ଗିର ଦେବୋତର ବିଭାଗ ଦେବୋତର ସମ୍ପତିରୁ ଲକ୍ଷାଧିକ ଟଙ୍କା ରାଜସ୍ୱ ପାଉଛି । ସେହି ଟଙ୍କା ଯାଉଛି କୁଆଡେ ? ସେ ସବୁ କେଉଁଠି ଖର୍ଚ୍ଚ କରାଯାଉଛି ? ଏହା କେବଳ ଆମ ପ୍ରଶ୍ନ ନୁହେଁ,ବଲାଙ୍ଗିରବାସୀଙ୍କ ପ୍ରଶ୍ନ । ଆଗକୁ ବର୍ଷା ଦିନ ଆସୁଥିବା ବେଳେ ଅପ୍ରସ୍ତୁତ ଦେବୋତର ବିଭାଗ । ବର୍ଷା ଦିନରେ ମନ୍ଦିର ଗୁଡ଼ିକର ଅବସ୍ଥା ଶୋଚନୀୟ ହୋଇପଡେ । ଏହା ସମସ୍ତେ ଦେଖିଛନ୍ତି,ସମସ୍ତେ ଜାଣିଛନ୍ତି । ପ୍ରଶାସନ ମଧ ଅବଗତ ଅଛି । ହେଲେ ଦିନ ପରେ ଦିନ,ମାସ ପରେ ମାସ ଗଡୁଛି । କିନ୍ତୁ ଦେବାଳୟ ଗୁଡ଼ିକର ବିକାଶ କାହିଁକି ହେଉନାହିଁ ? ସାରା ରାଜ୍ୟରେ ୫ଟି ସଚିବ ଦେବାଳୟ, ମନ୍ଦିରର ଗୁଡ଼ିକ ପରିଭ୍ରମଣ କରୁଛନ୍ତି । ମୁଖ୍ୟମନ୍ତ୍ରୀ ମନ୍ଦିର ଗୁଡ଼ିକର ସୁରକ୍ଷା ଓ ବିକାଶ କରୁଥିବା କଥା କହୁଛନ୍ତି । କିନ୍ତୁ ଆମ ବଲାଙ୍ଗିର ସହରର ମନ୍ଦିର ଗୁଡ଼ିକୁ କାହିଁ ହତାଦର କରାଯାଉଛି ? ଏଠାକାର ନିର୍ବାଚିତ ଜନ ପ୍ରତିନିଧି ଚିଠି ଲେଖି ଦେଇ ଚୁପ୍ ରହୁଥିବା ବେଳେ ବଲାଙ୍ଗିରରୁ ରାଜଧାନୀ ଗଲେ ଭୁଲିଯାଆନ୍ତି । ବିକାଶର ସ୍ୱପ୍ନ ଦେଖାଉଥିବା ନେତାମାନେ ମଧ ମା'ଙ୍କ ମନ୍ଦିର ବିକାଶରେ ନିରବ । ଏହା ବଲାଙ୍ଗିରର ଦୁର୍ଭାଗ୍ୟ ଯେ, ଆମେ ଏଭଳି ନେତାଙ୍କୁ ଚୟନ କରିଛୁ । ଆମେ ଆଜି ଆହ୍ୱାନ ଦେଉଛୁ ୫ଟି ସଚିବ ବଲାଙ୍ଗିର ପରିଭ୍ରମଣରେ ଆସନ୍ତୁ । ମନ୍ଦିର ଗୁଡ଼ିକୁ ଦେଖିକରି ଥରେ ଯାଆନ୍ତୁ । ଏହା ସହ ରାଜ୍ୟ ସରକାରଙ୍କ ଠାରେ ଦାବି ରଖୁଛୁ ଯେ, ମନ୍ଦିରର ଅର୍ଥ ମନ୍ଦିରର ଉନ୍ନତିରେ ବିନିଯୋଗ କରାଯାଉ । ମନ୍ଦିରର ଟଙ୍କା ସରକାର କି ସରକାରୀବାବୁମାନେ ଖାଇବାକୁ ଚେଷ୍ଟା କରନ୍ତୁ ନାହିଁ । ମନ୍ଦିରର ଟଙ୍କା ଖାଇଲେ ବଲାଙ୍ଗିରବାସୀ ବରଦାସ୍ତ କରିବେ ନାହିଁ । ପୂର୍ବରୁ ଅନେକ ଥର ବିଭାଗୀୟ ଅଧିକାରୀଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇ ସାରିଛୁ । ବର୍ଷା ପୂର୍ବରୁ ଦେବାଳୟ ଗୁଡ଼ିକର ସୁରକ୍ଷା କରାଯାଉ । ନଚେତ୍ ଦେବାଳୟ ସୁରକ୍ଷା କମିଟି ଆନ୍ଦୋଳନ ପନ୍ଥା ଆପଣେଇବାକୁ ବାଧ ହେବ । ଏଥି ପାଇଁ ଯେଉଁ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବ ସେଥି ପାଇଁ ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଦାୟୀ ରହିବେ ।

# ଜାତୀୟ ସେବା ଯୋଜନା ୟୁନିଟ୍ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ସଚେତନତା ଦିବସ ପାଳିତ

ନୂଆପଡ଼ା, ୧/୦୬ (ନି.ପ୍ର): ଖଡ଼ିଆଳ ସ୍ଥିତ ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ୟୁନିଟ୍ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି । ଏନ୍.ଏସ୍.ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ସୁରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ପରିଚାଳିତ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଡକ୍ଟର ତରୁଣ କୁମାର ପ୍ରଧାନଙ୍କ ସହ ଅଧାପକ ପଦ୍ମଲୋଚନ ବର୍ମା, ଅଧାପକ ରଣବୀର ସିଂ, ମୁଖ୍ୟ କ୍ଲର୍କ ସୁଘୋଷ କୁମାର ପଟ୍ଟନାୟକ, କ୍ଲର୍କ ଦୁର୍ଲ୍ଲଭ ବେହେରା, ଲାଇବ୍ରେରିଆନ ରତ୍ନାକର ସାହୁ, କର୍ମଚାରୀ ରଞ୍ଜୁ ନାୟକ ଓ ଚିତ୍ତରଞ୍ଜନ ପଟେଲ ଯୋଗଦେଇଥିଲେ । ଚଳିତ ବର୍ଷ ବିଶ୍ୱ ତମାଖୁ ବର୍ଜନ ଦିବସର ବିଷୟବସ୍ତୁ: 'ଆମେ ଖାଦ୍ୟ ଚାହୁଁ, ତମାଖୁ ନୁହଁ' ତାକୁ ନେଇ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀମାନଙ୍କ ମଧରେ ସଚେତନତା ସୃଷ୍ଟି କରାଯାଇଥିଲା । ତାସହିତ ଆଗାମୀ ଦିନରେ ତମାଖୁ ଚାଷୀଙ୍କ ପାଇଁ ବିକଳ୍ପ ଶସ୍ୟ ଉତ୍ପାଦନ ଓ ବିକ୍ରୟ ସୁଯୋଗ ସୃଷ୍ଟି ସହ ସ୍ଥାୟୀ ଓ ପୌଷ୍ଟିକ ଶସ୍ୟ ଫଳାଇବା ପାଇଁ ଗୁରୁତ୍ୱ ଦେବାକୁ ବୁଝାଯାଇଥିଲା । ପରେ ସ୍ୱେଚ୍ଛାସେବୀ ମାନେ ନିଜେ ନିଶା ସେବନ (ଭାଙ୍ଗ, ବିଡ଼ି, ସିଗାରେଟ୍, ଗୁଟୁଖା ଓ ଘୁଡ଼ାଖୁ ଆଦିକୁ) ବର୍ଜନ କରିବା ସହ ଅନ୍ୟ ମାନଙ୍କୁ ମଧ ନିଶା ସେବନରୁ ଦୂରେଇ ରହିବାକୁ ପରାମର୍ଶ ଦେବାପାଇଁ ଏବଂ ନିଶା ମୁକ୍ତ ବିଶ୍ୱ ଓ ସୁସ୍ଥ ସମାଜ ଗଠନ କରିବାକୁ ଶପଥ ପାଠ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀଙ୍କ ମଧରେ ସରୋଜ କଲତା, ଶୁଭମ୍ ସିଂ ନିନା, ସୁବାସ ଚନ୍ଦ୍ର ବାଗ, ଅଙ୍କିତା ଦଣ୍ଡସେନା, ସୁନେଲି ତାଣ୍ଡି, ଦିପ୍ତିମୟୀ ବେହେରା, ସ୍ନେହା ଦାସ, ଗୁଲ୍ସନ କୁମାର ସତନାମି, ରୋଷନ୍ ବଘେଲ ଓ ମାନସ ସାଗର ଆଦି ପ୍ରମୁଖ ଉପସ୍ଥିତ ରହିଥିଲେ । ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ସୁରଞ୍ଜନ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# କର୍ମାଙ୍କ ପରି ଆଉ ଜଣେ ବଣ୍ଡା ଛାତ୍ରୀ ସମିତା ନିଜ ପଢ଼ା ଖର୍ଚ୍ଚ ପାଇଁ ସାଜିଛନ୍ତି ଶ୍ରମିକ

ମାଲକାନଗିରି, ୧/୦୬ (ନି.ପ୍ର): ଆଦିମ ବଣ୍ଡା ଜନଜାତୀ ର ମେଧାବୀ ଛାତ୍ରୀ ଏବେ ଦିନ ମଜୁରୁଆ । ନିଜ ପଢା ଖର୍ଚ୍ଚ ବହନ କରିବା ଲାଗି ମୁଲ ଲାଗୁଛନ୍ତି ମାଲକାନଗିରି ଜିଲ୍ଲାର ଯୁକ୍ତ ଦୁଇ ବାଣିଜ୍ୟ ଟପ୍ପର । ତାହା ପୁଣି ମାଲକାନଗିରି ଜିଲ୍ଲା ସଦର ମହକୁମାରେ । ବଣ୍ଡା ଜନଜାତୀ ଙ୍କ ଉତଥାନ ଲାଗି ବର୍ଷ ବର୍ଷ ଧରି ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟ କାରୀ ହୋଉ ଥିଲେ ହେଁ ମାଲକାନଗିରି ବଣ୍ଡା ସମ୍ପ୍ରଦାୟ ର ଏହି ଉଚ୍ଚ ଶିକ୍ଷୀତ ଯୁବତୀଙ୍କ ଏହି ସଂଘର୍ଷ କୁ ନେଇ ଏବେ ଚାରି ଆଡେ ଚର୍ଚ୍ଚା । ବଣ୍ଡା ଯୁବତୀଙ୍କ ସଂଘର୍ଷର କାହାଣୀ । ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଛାତ୍ରୀ ଏବେ ଦିନ ମଜୁରିଆ । ପଥର ପରି ମୁଣ୍ଡ ଉପରେ ତାଙ୍କର ରହିଛି ଅନେକ ବୋଝ । ତେଣୁ ବାଲି ପଥର ଓ ଗୋଡି ସିମେଂଟ ପରି ବୋଝ ବହିବା ପାଇଁ ଆଦୌ ତାଙ୍କର ଶଙ୍କା ନାହିଁ । କାରଣ ପାଠ ପଢି ବଡ଼ ମଣିଷ ହେବାକୁ ସଙ୍କଳ୍ପ କରିଛନ୍ତି ସେ । ନାଁ କର୍ମା ମୁଦୁଲି । ଘର ମାଲକାନଗିରି ବଣ୍ଡା ଘାଟିର ପଡେଇଗୁଡା ଗାଁ । ଗତ ବର୍ଷ ମାଲକାନଗିରି ଗୋବିନ୍ଦପାଲି ଏସ୍‌ଏସ୍ଡି ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରୁ ବାଣିଜ୍ୟରେ ୮୨ ପ୍ରତିଶତ ମାର୍କ ରଖି ଜିଲ୍ଲା ଟପ୍ପର ହୋଇ ଥିଲେ କର୍ମା । ଘରର ବଡ ଝିଅ ଓ ଆର୍ଥିକ ଅନାଟନ ଯୋଗୁ କିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହାୟତାରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ନାମ ଲେଖାଇ ଥିଲେ କର୍ମା । ତେବେ ତାଙ୍କ ବହି ବସ୍ତାନୀ ସହ ହଷ୍ଟେଲ ଖର୍ଚ୍ଚ ଗାଁକୁ ଆସି କାମ କରୁଛନ୍ତି କର୍ମା ।ଏହି ଖବର ବିଭିନ୍ନ ଗଣମାଧମ ରେ ପ୍ରକାଶ ପାଇବାପରେକରମାଙ୍କୁ ସବୁ ସହାୟତା ଯୋଗାଇ ଦେଉଛନ୍ତି ରାଜ୍ୟ ସରକାର । ପାଠପଢ଼ା ପାଇଁ ସ୍କଲାରସିପ୍ ସହିତ ତାଙ୍କ ପରିବାରକୁ ମଧ ବିଭିନ୍ନ ସହାୟତା ଯୋଗାଇ ଦିଆଯାଉଛି । ପ୍ରଶାସନର ସୂଚନା ଅନୁସାରେ, ୫ଟି ସଚିବଙ୍କ ନିର୍ଦ୍ଦେଶରେ କରମା ମୁଦୁଲିଙ୍କୁ ଭେଟି ଆଲୋଚନା କରିଥିଲେ ଜିଲ୍ଲା ମଙ୍ଗଳ ଅଧିକାରୀ । ତାଙ୍କର ପାଠପଢା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ମାଲକାନଗିରି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି । ସେହିପରି କର୍ମାଙ୍କ ପରି ସମିତା ମୁଦୁଲି ମଧ ଗୋବିନ୍ଦପାଲି ଏସଏସଡି ହାୟର୍ ସେକେଣ୍ଡାରୀ ସ୍କୁଲରୁ ଯୁକ୍ତ ଦୁଇ କଳାରେ ଉତୀର୍ଣ୍ଣ ହୋଇ ବିଜୁ ପଟ୍ଟନାୟକ କଲେଜ ଗୋବିନ୍ଦପାଲି ଠାରେ ପାଠ ପଢୁଛ ନ୍ତି । ତେବେ ରି-ଆଡମିଶନ ଫି'' ବାବଦକୁ ୩ ହଜାର ଟଙ୍କା ଆବଶ୍ୟକ ପଡୁଥିବାରୁ ସମିତା ମଧ ମାଲକାନଗିରି ସଦର ମହୁକମାକୁ ଆସି କର୍ମାଙ୍କ ସହ ଏକ ଠିକା କ୍ୟାମ୍ପରେ ରହି ଦିନ ମଜୁରିଆ ଭାବେ କାମ କରୁଛନ୍ତି । ଆଉ ଦୈନିକ ୨୨୦ ଟଙ୍କା ରୋଜଗାର କରି ପଢା ଖର୍ଚ୍ଚ ପାଇଁ ସଂଚୟ କରୁଛନ୍ତି । ସମୁଦ୍ର ପତନ ଠାରୁ ପ୍ରାୟ ୫ହଜାର ଫୁଟ ଉଚ୍ଚ ବଣ୍ଡାଘାଟିରେ ଦୁଇଟି ପଂଚାୟତର ୩୨ଟି ଗାଁ ରେ ପ୍ରାୟ ୭ହଜାରରୁ ଉର୍ଦ୍ଧ୍ୱ ବଣ୍ଡା ଜନଜାତିର ଲୋକେ ବସବାସ କରନ୍ତି । ପୂର୍ବ ଅପେକ୍ଷା ଏବେ ବଣ୍ଡା ଜନଜାତିଙ୍କ ଶିକ୍ଷା ହାରରେ ଅନେକଟା ଉନ୍ନତୀ ଆସୁଥିଲେ ହେଁ ଉଚ୍ଚଶିକ୍ଷା ଲାଗି ଉଚିତ ପ୍ରୋତ୍ସାହନ ନ ଥିବା ଯୋଗୁଁ ଅଧିକାଂଶ ଯୁବତୀ ଅଧାରୁ ପାଠ ଛାଡି ଦାଦନ ଖଟୁଛନ୍ତି କିମ୍ବା ହୋଟେଲରେ କାମ କରିବାକୁ ବାଧ ହେଉଛନ୍ତି ।




❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Managing & Executive Editor : Srustidhar Parida
❐ Editor: Sairindhree Sahoo